# ଚିର ସ୍ମୃତି ହୋଇଗଲେ ଚିରଞ୍ଜିବୀ



ନନ୍ଦପୁର,୭।୪ (ସମିସ): ନନ୍ଦପୁର ବ୍ଲକର ଜଣେ ଜଣାଶୁଣା ବ୍ୟକ୍ତି, ସାମାଜିକ କର୍ମୀ ତଥା ବିଜେଡିର ପୁରୁଖା କର୍ମୀ ଚିରଞ୍ଜିବୀ ପେଲମାଲଙ୍କ ପରଲୋକ ଘଟିଛି। ସୋମବାର ମଧ ରାତ୍ରରେ ସେ ଶେଷ ନିଶ୍ୱାସ ନେଇଛନ୍ତି । ଚିରଞ୍ଜିବୀ ଦୀର୍ଘ ମାସ ଧରି ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଘରେ ଥିଲେ । ମଙ୍ଗଳବାର ତାଙ୍କର ଶେଷ ଦର୍ଶନ ପାଇଁ ତାଙ୍କ ଗ୍ରାମ କୁଲାର ସିଂ ଗ୍ରାମ ପଞ୍ଚାୟତର ଆବର୍ତ୍ତା ଜନସମୁଦ୍ର ପାଲଟି ଥିଲା । ଅ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ରଘୁରାମ ପଡାଲ, ପ୍ରିତମ ପାଢ଼ି, ପ୍ରଫୁଲ୍ଲ କୁମାର ପାଙ୍ଗି , ବରିଷ୍ଠ ନେତା ଜଗନ୍ନାଥ ପାଙ୍ଗି, ସାମାଜିକ କର୍ମୀ ମୁନା ଦଳପତି, ନନ୍ଦପୁର ବ୍ଲକ ବିଧାୟକ ପ୍ରତିନିଧି କାମେସ କାମୁଡି, ଯୁବନେତା ରାମ କୃଷ୍ଣ ପଡାଲ, ନନ୍ଦପୁର ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଲ, କାମାୟା ପାଙ୍ଗି, ଆକାଶ ଖିଲଙ୍କ ସମେତ ବିଭିନ୍ନ ରାଜନୈତିକ ବ୍ୟକ୍ତି ପହଞ୍ଚି ସ୍ୱର୍ଗତ ଚିରିଞ୍ଜିବିଙ୍କ ଶେଷ ଦର୍ଶନ କରିବା ସହ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ସ୍କୁଲ୍‌ରେ ୭ ଛାତ୍ରଙ୍କୁ ସାମୂହିକ ଦଣ୍ଡ

ଅମ୍ବାଦଳା,୭।୪(ସମିସ):



ରାୟଗଡ଼ା ଜିଲ୍ଲା ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଘଟିଥିବା ଏକ ଘଟଣା ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି। ବିଦ୍ୟାଳୟର ପ୍ରାର୍ଥନା ସଭାକୁ ବିଳମ୍ବରେ ପହଞ୍ଚିଥିବା ୭ଜଣ ଅନ୍ତେବାସୀ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକ କୋଲା ବାମନଙ୍କ ଦ୍ୱାରା ସମସ୍ତ ଛାତ୍ର ଛାତ୍ରୀଙ୍କ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଆଣ୍ଠେଇବା ଓ ସର୍ବ ସମ୍ମୁଖରେ ମାନସିକ କଷ୍ଟ ଭଳି ଦଣ୍ଡ ଦିଆଯାଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଘଟଣାଟି ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବୋଲି ଜଣା ପଡ଼ିଥିବା ବେଳେ ସକାଳୁ ସକାଳୁ ପାର୍ଥନା ସମୟରେ ଘଟିଥିବା ଏହି ଘଟଣା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି କରିଥିବା ଦେଖାଯାଇଛି। ଏହି ଘଟଣାଟି ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବୋଲି ଜଣା ପଡ଼ିଛି। ଛାତ୍ର ମାନଙ୍କୁ ପ୍ରଥମେ ପ୍ରାର୍ଥନା ସଭାରେ ଓ ପରେ ଖେଳ ପିରିୟଡ଼ରେ ସମସ୍ତ ଛାତ୍ରଙ୍କ ଉପସ୍ଥିତିରେ କାନ ଧରି ଆଣ୍ଠେଇବା ଓ ମାନସିକ କଷ୍ଟ ଭଳି ଦଣ୍ଡ ଦେଇଥିବା ଉକ୍ତ ଭିଡିଓ ଓ ଫଟୋରୁ ଜଣା ପଡିଛି। ସରକାରୀ ନିୟମ ଅନୁଯାୟୀ ବିଦ୍ୟାଳୟରେ ଶାରୀରିକ କିମ୍ବା ମାନସିକ ଦଣ୍ଡ ସଂପୂର୍ଣ୍ଣ ଭାବେ ନିଷିଦ୍ଧ। ଶିକ୍ଷା ଅଧିକାର ନିୟମ ୨୦୦୯ ଏବଂ କିଶୋର ନ୍ୟାୟ ନିୟମ ୨୦୧୫ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରିବା, ଉଠବସ କରାଇବା,

## ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଆଣ୍ଠେଇବା, ଥାପଡ଼ ମାରିବା ଭଳି ଦଣ୍ଡ ଅବୈଧ। ଏହା ସହ ସମସ୍ତଙ୍କ ସମ୍ମୁଖରେ ଅପମାନ କରିବା, ଅପମାନଜନକ ଶବ୍ଦ ବ୍ୟବହାର କିମ୍ବା ଅଲଗା କରି ରଖିବାକୁ ମଧ୍ୟ ଆଇନ ନିଷେଧ କରେ। ଏହି ସବୁ ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ, ବଦଳି କିମ୍ବା କାନୁନି ପଦକ୍ଷେପ ନେବାର ନିୟମ ରହିଛି। ଉକ୍ତ ପ୍ରଧାନ ଶିକ୍ଷକ ବାରମ୍ବାର ସରକାରୀ ନିୟମ ଉଲ୍ଲଂଘନ କରୁଥିବା ବେଳେ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି। ଶିଶୁଙ୍କ ସମ୍ମାନ ଓ ମନୋବଳ ରକ୍ଷା କରିବା ଶିକ୍ଷକଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ଶିକ୍ଷାବିତ୍ କହୁଛନ୍ତି। ଅଭିଭାବକ ଓ ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କ ନିର୍ବୀକ୍ଷଣ ଉପରେ ପ୍ରଶ୍ନ ଉଠାଇଥିବା ବେଳେ, ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅସନ୍ତୋଷ ବଢୁଛି। ମଙ୍ଗଳ ବିଭାଗ କର୍ତ୍ତୃପକ୍ଷଙ୍କୁ ଘଟଣାଟିର ସଂପୂର୍ଣ୍ଣ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ସାଂସଦ ପ୍ରତିନିଧି ରାଜନୀକାନ୍ତ ପୋଡାଲ, ଯୁବ ଧୀରେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ପ୍ରସାଦ ପ୍ରମୁଖ ଦାବି କରିଛନ୍ତି।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ପାପଡାହାଣ୍ଡି,୭।୪(ସମିସ) : ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖ ଠାରେ ବିଜେପି ଦଳ ପକ୍ଷରୁ ମନୋନୀତ ନବରଙ୍ଗପୁର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଲିଙ୍ଗରାଜ ପ୍ରଥମେ ନୀଳକଣ୍ଠେଶ୍ୱର ମନ୍ଦିର ଦର୍ଶନ କରିଥିଲେ। ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳୀୟ କର୍ମୀ ମାନେ ସମ୍ବର୍ଦ୍ଧନା ଜଣାଇଥିଲେ । ଜିଲ୍ଲାର ଉନ୍ନତି କରିବାକୁ ସେ ଚେଷ୍ଟା କରିବେ ବୋଲି କହିଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ଉପ ସଭାପତି ହରି ମୋହନ ଶର୍ମା, ପାପଡାହାଣ୍ଡି ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲ, ଡଙ୍ଗରା ମଣ୍ଡଳ ସଭାପତି କେ. କ୍ରିଷ୍ଣା ରାଓ, ମଇଦଳପୁର ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ବିଷୋୟୀ, ଦୀନବନ୍ଧୁ ବିଷୋୟୀ, ଦାମଧର ପ୍ରଧାନ, ପ୍ରଦୀପ କୁମାର ଦାସ, କ୍ଷେତ୍ରମୋହନ ପାତ୍ର, ଜିତେନ୍ କୁଲଦୀପ, ଲକ୍ଷଣ ଭତରାଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

# ବର୍ଣ୍ଣବୋଧ ଓ ଶିଶୁଲେଖା ବଣ୍ଟନ କାର୍ଯ୍ୟକ୍ରମ



ନବରଙ୍ଗପୁର,୭।୪(ସମିସ) : ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସାନ କୁସୁମୀଠାରେ ଶିଶୁ କଥା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏବଂ ପ୍ରଧାନଶିକ୍ଷକ ମାନଙ୍କୁ ବର୍ଣ୍ଣବୋଧ ଓ ଶିଶୁଲେଖା ବଣ୍ଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ, ସୁପ୍ରିୟା ନାୟକ, ଜଗବନ୍ଧୁ ସଉରା ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ପିଏମ୍ ସଦାଶିବ ସୁକୁମାର ହାଇସ୍କୁଲ ଠାରେ ମଧ ଶିଶୁକଥା ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଛାତ୍ରଛାତ୍ରୀ ଏବଂ ପ୍ରଧାନ ଶିକ୍ଷକଙ୍କୁ ବର୍ଣ୍ଣବୋଧ ଏବଂ ଶିଶୁଲେଖା ବଣ୍ଟନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମହାଳିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ମାଝୀ, ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା କୁଆଁର ପ୍ରମୁଖ ମଞ୍ଚାସୀନ ଥିଲେ।

# ବାଳିକା ବିଦ୍ୟାଳୟରେ ବାଲସଭା କାର୍ଯ୍ୟକ୍ରମ

ମାଥିଲି,୭।୪ (ସମିସ): ମାଲକାନଗିରି ଜିଲ୍ଲାର ମାଥିଲି ବଳଦିଆ ଗୁଡା ସରକାରୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବାଳିକା ବିଦ୍ୟାଳୟରେ ଏକ ବାଲସଭା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦ରୁ ୧୮ ବର୍ଷ ବୟସର କିଶୋର ଓ କିଶୋରୀ ମାନଙ୍କ ସୁସ୍ଥତା ଏବଂ ସାମଗ୍ରିକ ବିକାଶ ପାଇଁ ନାମ ଲେଖାର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହିତ ଶିକ୍ଷାର ଉନ୍ନତି, ସ୍ୱାସ୍ଥ୍ୟ ଓ ସୁସ୍ଥତା, ବିଭିନ୍ନ ବିପଦରୁ ସୁରକ୍ଷା, ସାମାଜିକ ଓ ଭାବପ୍ରବଣ ବିକାଶ ସହିତ ଲିଙ୍ଗ ସମାନତା ବିଷୟରେ ଛାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ମାଥିଲି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାରଣା, ସିଆର୍‌ସିସି ନିହାର ରଞ୍ଜନ ବିଶ୍ୱାସ, ଏଡିଇଓ ନରସିଂହ କୀର୍ଷାନି ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆହୁତି ରାଣୀ ପାଢ଼ୀ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ବିଭିନ୍ନ ଦିଗରେ ପରାମର୍ଶ ଓ ଜ୍ଞାନଦାନ କରିଥିଲେ।

# କଟାଗଲା ୨୦ ଗଛ; ଗ୍ରାମବାସୀଙ୍କ ବିରୋଧ

ମାଲକାନଗିରି,୭।୪(ସମିସ):

ବନ ବିଭାଗର ଅନୁମତି ନ ନେଇ ୨୦ରୁ ଅଧିକ ଗଛ କାଟିଲା ନୂତନ କରି ଜମି କିଣିଥିବା ଜାଗା ମାଲିକ। ଏପରିକି ନିଜ ଜାଗା ସମେତ ଅନ୍ୟର ପଟ୍ଟା ଜମି ଏବଂ ସରକାରୀ ଜମିରେ ଥିବା ବୃକ୍ଷ ଗୁଡିକୁ ଦିନ ଦ୍ୱିପ୍ରହରେ କାଟି ଲଣ୍ଡା କରି ଦେଇଥିବାରୁ ଗ୍ରାମବାସୀ କଲେ ବିରୋଧ। ଆଜି ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ବାଲିମେଳା ବନାଞ୍ଚଳ ଅଧିନ ଏମଭି-୧୦୯ ଗ୍ରାମରେ। ଉକ୍ତ ଗ୍ରାମରେ ଜଣେ ବ୍ୟକ୍ତି ନୂତନ କରି ଏକ ଜମି କିଣିଥିବା ବେଳେ ବନ ବିଭାଗର ଅନୁମତି ନ ନେଇ ନିଜ ମନ ମୁତାବକ ୨୦ରୁ ଅଧିକ ଗଛ କାଟି ଦେଇଥିବା ଦେଖିବାକୁ ମିଳିଛି। ତେବେ ଏଭଳି ବେଧଡ଼କ ଗଛକଟାକୁ ବିରୋଧ କରିଛନ୍ତି ଏମଭି-୧୦୯ ଗ୍ରାମବାସୀ। ଉକ୍ତ ବ୍ୟକ୍ତି ଜଣଙ୍କ ନିଜ ଜମି ଚାରିକଡରେ ଥିବା ଅନ୍ୟର ପଟ୍ଟା ଜମି ଏବଂ ସରକାରୀ

## ● ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ : ରେଞ୍ଜର

ଜାଗାରେ ଥିବା ଗଛ ଗୁଡିକୁ ମଧ୍ୟ କାଟି ଦେଇଛନ୍ତି। ଖବର ପାଇ ବନ ବିଭାଗର ବନରକ୍ଷୀ ପ୍ରଶାନ୍ତ ରାଉତ ଘଟଣା ସ୍ଥଳରେ ପହଞ୍ଚି ଏହାର ଅନୁଧ୍ୟାନ କରିଥିଲେ। ତେବେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ପ୍ରଦାନ ପରେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନରକ୍ଷୀ ଶ୍ରୀ ରାଉତ କହିଛନ୍ତି। ଏନେଇ ଆମେ ବନାଞ୍ଚଳ ଅଧିକାରୀ ଲିପ୍ସିତା କଂହର ଙ୍କୁ ପଚାରିବାରୁ ସେ ସ୍ଥାନୀୟ ବନପାଳ ଏବଂ ବନରକ୍ଷୀଙ୍କୁ ପ୍ରାଥମିକ ତଦନ୍ତ ନେଇ ନିର୍ଦ୍ଦେଶ ଦେବା ସହ ତଦନ୍ତ ପରେ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏଭଳି ବେଧଡ଼କ ଗଛ କାଟିଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏମଭି-୧୦୯ ଗ୍ରାମର ଗ୍ରାମ ସଭାପତି କାର୍ତ୍ତିକ ମଣ୍ଡଳ, ତାରକ କର୍ମକାର, ଦିବକ ମଣ୍ଡଳ, ଗୋବିନ୍ଦ ରାୟ, ନିତ୍ୟାନନ୍ଦ ମଣ୍ଡଳ, କନାଇ କର୍ମକାର, ପବିତ୍ର କର୍ମକାର, ଭବନାଥ ମଣ୍ଡଳ, ଶଙ୍କର ମଣ୍ଡଳଙ୍କ ସମେତ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି।

# ସାହାରା ପରିବାର ପରାମର୍ଶ କେନ୍ଦ୍ରର ବୈଠକ



ଗୁଣୁପୁର,୭।୪(ସମିସ): ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭାରତ ସରକାରଙ୍କ ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଓଡିଶା ସରକାରଙ୍କ ରାଜ୍ୟ ସମାଜ କଲ୍ୟାଣ ବୋଡର୍ ଦ୍ୱାରା ପରିଚାଳିତ ସାହାରା ପରିବାର ପରାମର୍ଶ କେନ୍ଦ୍ରର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୁଣୁପୁର ଉପଜିଲ୍ଲାପାଳ ତଥା ଅଧକ୍ଷ୍ୟ ଦୁଧାଲ ଅଭିଷେକ ଦିଲୀପ ଏହି କାର୍ଯ୍ୟକ୍ରମର ଅଧକ୍ଷତା କରିଥିବା ବେଳେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ, ଏସଡିପିଓ ବାବୁଲି ନାୟକ, ଡେପୁଟି କଲେକ୍ଟର ଶୁଭ୍ରାନ୍ତ ରାଉତ, ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ଗୁଡ଼ାରୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାଢ଼ୀ, ଉପଖଣ୍ଡ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଡାକ୍ତର ଶ୍ରୀକାନ୍ତ ଜେନା, ଉପଖଣ୍ଡ ସୂଚନା ଅଧିକାରୀ ଧନୁଞ୍ଜୟ ବେହେରା, ଉପଖଣ୍ଡ ସାମାଜିକ ଅଧିକାରୀ ରଂଜିତା ବେହେରା, ଓକିଲ ପ୍ରଶାନ୍ତ ପଟ୍ଟନାୟକ, ଲକ୍ଷ୍ମୀ ମହାକୁଡ, ଶିଶୁ ଅଧିକାରୀ ସୁଷମା ପ୍ରସାଦ, ପିଙ୍କି ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ। ବୈଠକରେ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସମସ୍ତ ବିଷୟ କୁ ସମୀକ୍ଷା କରିଥିଲ ଉପଜିଲ୍ଲାପାଳ ଅଭିଷେକ ଦିଲୀପ। ଏହି ବୈଠକରେ ନୂତନ ସାହାରା ପରିବାର ପରାମର୍ଶ କେନ୍ଦ୍ରର ପାଚେରି ସହ ମୁଖ୍ୟ ଗେଟ ନିର୍ମାଣ ପାଇଁ ଆଲୋଚନା କରାଯିବା ସହ ଉପଜିଲ୍ଲାପାଳ ଦୁଧାଲ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓଙ୍କୁ ଏ ବାବଦରେ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗର ଯୁଗ୍ମ ସଚିବଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ ପରିଚାଳନା କରିଥିବା ବେଳେ ବରିଷ୍ଠ କାଉନ୍‌ସିଲର ଜୟଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ନିୟମଗିରକୁ ପର୍ଯ୍ୟଟକଙ୍କ ଆଗମନ, ଆକୃଷ୍ଟ କରୁଛି ଜଳପ୍ରପାତ




ବିଷମକଟକ,୭।୪(ସମିସ): ଗତ କିଛିଦିନ ହେଲା ଗ୍ରୀଷ୍ମ ପ୍ରବାହ ବେଲଗାମ ହେବାରେ ଲାଗିଛି। ଦିନ ବେଳା ଅସହ୍ୟ ତାତି ସାଙ୍ଗକୁ ଗୁଳଗୁଳି ହେଉଛି। ଏଭଳି ପରିସ୍ଥିତିରେ ଲୋକଙ୍କ ଏହି ଆବଶ୍ୟକତାକୁ ପୂରଣ କରୁଛି ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ନିୟମଗିରି କୁର୍ଲୀ ପଞ୍ଚାୟତର ପାହାଡ ଘେରାରେ ରହିଥିବା ଉପର ଗଦଗଦା ଜଳପ୍ରପାତ। ମନୋରମ ଦୃଶ୍ୟ ସାଙ୍ଗକୁ ସୌନ୍ଦର୍ଯ୍ୟଭରା ନିୟଗିରି ପାହାଡ଼, ତା ସାଙ୍ଗକୁ ସୁନ୍ଦର ଜଳପ୍ରପାତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ପ୍ରକୃତିକ ପରିବେଶ ଭରା ଗଛଲତା ପରିପୁର୍ଣ୍ଣ ହୋଇଥିବା ବେଳେ ପ୍ରଶାସନ ତରଫରୁ ଏହି ଜଳପ୍ରପାତର ପାରିପାର୍ଶ୍ୱିକ ଅଞ୍ଚଳକୁ ବେଶ ସୋନ୍ଦର୍ଯ୍ୟ କରାଯାଇଛି। ପର୍ଯ୍ୟଟକ ମାନଙ୍କ ନିମନ୍ତେ ଗାଧୋଇବା, ବସିବାର ସୁନ୍ଦର ବ୍ୟବସ୍ଥା ସାଙ୍ଗକୁ ସେଲଫି ପଏଣ୍ଟ ମଧ୍ୟ ନିର୍ମାଣ କରାଯାଇଛି। ଏହି ସୋନ୍ଦର୍ଯ୍ୟଭରା ସ୍ଥାନକୁ ପର୍ଯ୍ୟଟକଙ୍କ ଆଗମନ ହେବାର ଲାଗିଛି। ରାୟଗଡା ଜିଲ୍ଲା ସମେତ ପଡୋଶୀ ଜିଲ୍ଲା ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଭିଡ଼ ଜମିବାର ଲାଗିଛି। ବର୍ତମାନ ଗ୍ରୀଷ୍ମର ପ୍ରକୋପ ବଢୁଥିବାରୁ ଲୋକେ କିଛି ସମୟ ଜଳପ୍ରପାତ ନିକଟରେ କଟେଇବା ପାଇଁ ଆସୁଛନ୍ତି। ପରିବାର ଓ ସାଙ୍ଗସାଥିଙ୍କ ସହ ଏହି ସ୍ଥାନରେ ପହଞ୍ଚି ଭୋଜିଭାତ ଆୟୋଜନ କରୁଛନ୍ତି। ଦିନ ତମାମ ଏହି ସ୍ଥାନରେ ରହି ବେଶ ମଜା ଉଠାଉଛନ୍ତି। ବର୍ତ୍ତମାନ ଏହି ନିୟମଗିରି ଅଞ୍ଚଳରେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହେଉଥିବାର ମଧ୍ୟ ଦେଖିବାକୁ ମିଳିଛି। ସେହିପରି ପାତଳେଶ୍ୱର ମନ୍ଦିର ନିକଟରେ ରହିଥିବା ପର୍ଯ୍ୟଟନସ୍ଥଳୀର ତଳ ଗଦଗଦା ଅଞ୍ଚଳରେ ମଧ ପ୍ରଶାସନ ତରଫରୁ ବେଶ ସାଜସଜ୍ଜା କରାଯାଇଛି। ଏଠାରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମିବା ଆରମ୍ଭ ହୋଇଛି।

# ରାୟଗଡ଼ା ବ୍ଲକ୍‌ସ୍ତରୀୟ ସ୍ୱଚ୍ଛ ଓଡ଼ିଶା ଦିବସ



ରାୟଗଡ଼ା,୭।୪(ସମିସ): ଓଡ଼ିଆ ପକ୍ଷର ଷଷ୍ଠ ଦିବସରେ ରାୟଗଡ଼ା ବ୍ଲକ୍‌ସ୍ତରୀୟ ସ୍ୱଚ୍ଛ ଓଡିଶା ଦିବସ ଏବିଡିଓ କାଳୁଚରଣ ନାୟକଙ୍କ ଅଧ୍ୟକ୍ଷତାରେ କାମ୍ପ ମାଲିଗାଁ ଠାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପଞ୍ଚାୟତ ନିକଟସ୍ଥ ଅତି ପୁରାତନ ଶ୍ରୀ ମଲ୍ଲିକେଶ୍ୱର ହତା ପରିସର ଓ ତତ୍‌ସଂଲଗ୍ନ ସତ୍ୟସାଇ ମନ୍ଦିର ପରିସରକୁ ସ୍ୱଚ୍ଛତା ଅଭିଯାନରେ ସାମିଲ କରାଯାଇଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁଚରଣ ନାୟକ ରାୟଗଡ଼ା ପଞ୍ଚାୟତ ସମିତି କର୍ମକର୍ତ୍ତାଙ୍କ ସହ ସକାଳ ୮ ଟା ସମୟରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚି ମନ୍ଦିର ପରିସର ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ । ସରପଞ୍ଚ କବିତା ହୁଇକା, ଏବିଇଓ ଛବିଲାଲ ସିଂ, ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ସଂଯୋଜକ ବିଖ୍ୟାତି କନ୍ଧପାଣି, ଜିପିଡିଓ ସ୍ମୃତିରେଖା ନାୟକ, ଶିକ୍ଷକ ନୀଳାଞ୍ଚଳ ମିଶ୍ର, ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ, ନିର୍ବାହୀ ଅଧିକାରୀ ପଲ୍ଲବୀ ପ୍ରିୟା ନାଥ, ସିଆରସିସି ସୌମ୍ୟା ପ୍ରିୟଦର୍ଶିନୀ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମ ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ, ଶିକ୍ଷା, କୃଷି, ମୃତ୍ତିକା ସଂରକ୍ଷଣ, ପଞ୍ଚାୟତିରାଜ, ମହିଳା ଓ ଶିଶୁ ବିକାଶ ଆଦି ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ଓ ଗ୍ରାମବାସୀ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ସେହିପରି ରାୟଗଡ଼ା ବ୍ଲକ୍‌ର ସମସ୍ତ ଗ୍ରାମ ପଞ୍ଚାୟତସ୍ତରରେ ମଧ ସ୍ୱଚ୍ଛ ଓଡିଶା ଦିବସ ପାଳିତ ହୋଇଛି ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା



ଉମରକୋଟ ,୭।୪ (ସମିସ): ଭାରତୀୟ ଜନତା ପାର୍ଟି, ଉମରକୋଟ ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନୂଆ ବସଷ୍ଟାଣ୍ଡ ନିକଟସ୍ଥ ଦଳୀୟ କାର୍ଯ୍ୟାଳୟ ଠାରେ ହୋଇଥିବା କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଭାଜପା ରାଜ୍ୟ ଉପ ସଭାପତି ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକର୍ତ୍ତାଙ୍କ ମନୋବଳ ବଢ଼ାଇବା ସହିତ ଆଗାମୀ ଦିନରେ ସଙ୍ଗଠନକୁ ମଜବୁତ କରିବା ପାଇଁ କର୍ମକର୍ତ୍ତାଙ୍କୁ ଗୁରୁ ମନ୍ତ୍ର ଦେଲେ । ରାଜ୍ୟ ବିଜେପି ଉସଭାପତି ରମେଶ ଚନ୍ଦ୍ର ସାହୁ ପ୍ରତ୍ୟେକ କର୍ମୀ ନିଜ ନିଜ ଘରେ ଭାରତୀୟ ଜନତା ଦଳର ପତାକା ଲଗାଇବାକୁ କହିଥିଲେ। କାର୍ଯ୍ୟକ୍ରମ ପରେ ନବରଙ୍ଗପୁର ଜିଲ୍ଲାର ନୂତନ ଭାବେ ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ବାସନ୍ତୀ ମାଝୀଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଆଜିର ଏହି ସମସ୍ତ କାର୍ଯ୍ୟକ୍ରମ କୁ ଉମରକୋଟ ନଗର ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ ପରିଚାଳନା କରିଥିବା ବେଳେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏମ୍‌ପି ପ୍ରତିନିଧି ରାମ ନାୟକ, ଜିଲା ସାଧାରଣ ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ ଓ ବରିଷ୍ଠ ବିଜେପି ନେତ୍ରୀ ମନ୍ଦିରା ନାୟକଙ୍କ ସହ ଶତାଧିକ କର୍ମକର୍ତା ଉପସ୍ଥିତ ଥିଲେ ।

# ସୀମା ସୁରକ୍ଷା ବଳର ରକ୍ତଦାନ, ଚକ୍ଷୁ ପରୀକ୍ଷା ଶିବିର



ଚିତ୍ରକୋଣ୍ଡା, ୭।୪ (ସମିସ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ।ଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଠାରେ ଅବସ୍ଥାପିତ ୧୭୭ ବାହିନୀ ସୀମା ସୁରକ୍ଷା ବଳ ପକ୍ଷରୁ ରକ୍ତଦାନ ଏବଂ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ୩୮ ଜଣ ରକ୍ତଦାନ କରିଥିଲେ। ୩୨ ଜଣ ସୀମା ସୁରକ୍ଷା ବାହିନୀର ଯବାନ ଓ ୪୭ ଜଣ ସାଧାରଣ ଜନତା ମୋଟ ୭୯ ଜଣ ଚକ୍ଷୁ ପରୀକ୍ଷା କରିଥିଲେ ।ପରବର୍ତ୍ତୀ ସମୟରେ ଚକ୍ଷୁ ପରୀକ୍ଷା କରିଥିବା ୭୯ ଜଣଙ୍କୁ ସୀମା ସୁରକ୍ଷା ବାହିନୀ ପକ୍ଷରୁ ଚଷମା ଯୋଗାଇ ଦିଆଯିବ ।୧୭୭ ସୀମା ସୁରକ୍ଷା ବାହିନୀର କମାଣ୍ଡାଣ୍ଟ ଶ୍ରୀ ଏମ ନୋସାଡ ଶିବିରକୁ ଉଦ୍‌ଘାଟନ କରିବା ସହିତ ଯବାନ ମାନଙ୍କର ମନବଳ ବୃଦ୍ଧି କରିବାପାଇଁ ପ୍ରଥମେ ନିଜେ ରକ୍ତଦାନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସୀମା ସୁରକ୍ଷା ବାହିନୀ ର ଡାକ୍ତର ସୌରଭ କୁମାର, ମାଲକାନଗିରି ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ତୃଷ୍ଣା ନିଶାଙ୍କ, ରକ୍ତ ଭଣ୍ଡାରର ଡାକ୍ତର ସାଗର କୁମାର ବାଲା ଉପସ୍ଥିତି ଥିଲେ ।ଏହାସହ ୧୭୭ ବାହିନୀ ସୀମା ସୁରକ୍ଷା ବାହିନୀର ସମସ୍ତ ଯବାନ ମାନେ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିଥିଲେ।

# ୱାକର୍ସ କ୍ଲବ୍‌ର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ

ରାୟଗଡ଼ା, ୭।୪(ସମିସ): ୱାକର୍ସ କ୍ଲବ୍ ରାୟଗଡ଼ା ତରଫରୁ ଆଜି କ୍ଲବ୍ ଗୃହରେ ବରିଷ୍ଠ ସଦସ୍ୟ ଅଭିମନ୍ୟୁ ନାୟକ ଓ ଟି ଜୟରାମଙ୍କ ତତ୍ତ୍ୱାବଧାନରେ ଉପ ସଭାପତି ଜଳନ୍ଧର ପୁସିକାଙ୍କ ସଭାପତିତ୍ୱରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡଃ ଭି ଏଲ ଏନ୍ ରାଜୁ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଉପସ୍ଥିତ ସଭ୍ୟ ବୃନ୍ଦଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଦୈନନ୍ଦିନ କାର୍ଯ୍ୟ ଓ ବ୍ୟବହାର ଉପରେ ମାନସିକ ପରିବର୍ତ୍ତନ ସହିତ ଖାଦ୍ୟ ପେୟ ବ୍ୟାୟାମ ଉପରେ ଆଲୋଚନା କରିଥିଲେ। ଏଥି ସହିତ ହୋତା କ୍ଲିନିକ ମୁଖ୍ୟ ଶଶୀଭୂଷଣ ହୋତା ଓ ତାଙ୍କ କର୍ମଚାରୀଙ୍କ ସହଯୋଗରେ ପଥ ଚାଳକ ସଭ୍ୟ ମାନଙ୍କର ଉକ୍ତ ରକ୍ତଚାପ ଓ ମଧୁମେହ ଯାଞ୍ଚ କରିଥିଲେ। ଉତ୍ସବ ଆୟୋଜନରେ ଗୋପାଳ ଜୈନ, ହରିଶ୍ଚନ୍ଦ୍ର ଶବର, ଲାଲ ବିହାରୀ ଲେଙ୍କା, ଶଙ୍କର ଶଣ ମଙ୍ଗରାଜ, ତିରୁପତି ପଣ୍ଡା ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ମନ୍ମଥ ତୁଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଘୋଷଣାରେ ସୀମିତ କୁଜେନ୍ଦ୍ରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ରାମନାଗୁଡ଼ା, ୭।୪(ସମିସ):




ରାୟଗଡ଼ା ଜିଲ୍ଲାର ରାମନାଗୁଡା ବ୍ଲକ ଅନ୍ତର୍ଗତ କୁଜେନ୍ଦ୍ରିରେ ଥିବା ଅନୁସୂଚିତ ଜାତି, ଜନଜାତି ତଥା ପଛୁଆ ବର୍ଗ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟକୁ ପୂର୍ବତନ ଆଇନ ତଥା ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ କୁଜେନ୍ଦ୍ରୀକୁ ଆସିଥିବା ସମୟରେ ଗ୍ରାମବାସୀ, ସ୍ଥାନୀୟ ବୁଦ୍ଧିଜୀବୀ ମାନଙ୍କ ପକ୍ଷରୁ କୁଜେନ୍ଦ୍ରୀ ଠାରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ନିମନ୍ତେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବା ପାଇଁ ଦାବି କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଶ୍ରୀ ସାରକା ଏଠାରେ ଏସଏସଡି ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବା ସହିତ ବିଜ୍ଞାନ ବିଭାଗ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତେବେ ବର୍ତମାନ ସରକାରରେ ବର୍ଷ ବର୍ଷ ଧରି ବିଭିନ୍ନ ଉନ୍ନୟନ ମୂଳକ ଘୋଷଣା ହେଉଥିବା ସତ୍ତ୍ୱେ ତଳ ସ୍ତରରେ ତାହାର କୌଣସି ପ୍ରତିଫଳନ ଦେଖାଯାଉନାହିଁ।

## ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିବ କେବେ ?

୧୯୪୯ ମସିହାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରି ବହୁ ବଡ଼ ବଡ ପଦପଦବୀ ରହି କାର୍ଯ୍ୟ କରୁଥିଲେ ମଧ କେବଳ ହଷ୍ଟେଲ ପରେ ହଷ୍ଟେଲ କୋଠା ନିର୍ମାଣ ହେଉଛି । କିନ୍ତୁ ତତ୍କାଳୀନ ବିଜେଡି ସରକାର ୨୦୨୪ ମସିହା ମାର୍ଚ୍ଚ ମାସ ୧୬ ତାରିଖ ଦିନ ସ୍ଥାନୀୟ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ର ଛାତ୍ରୀଙ୍କ ବିଜ୍ଞାନ ବିଭାଗ ରେ ଉଚ୍ଚ ଶିକ୍ଷା ନିମନ୍ତେ ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରିବା ପାଇଁ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ତାହା କାର୍ଯ୍ୟକାରୀ ହୋଇନାହିଁ। ଗୁଣୁପୁର କଲେଜ ଉପରେ ନିର୍ଭର କରୁଥିବା ଦୈନିକ ଶହ ଶହ ଟଙ୍କା ଖର୍ଚ୍ଚ କରି ଛାତ୍ରଛାତ୍ରୀ ମାନେ ଅନେକ ସମସ୍ୟାରେ ପଡୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକ ଓ ଅଭିଭାବକ ମାନେ ଦୁଇ ଥର ତତ୍କାଳୀନ ରାୟଗଡ ଜିଲ୍ଲାପାଳ ପାରୁଲ ପାଟୱାରୀ ଏବଂ ବର୍ତ୍ତମାନ ର ଜିଲ୍ଲାପାଳଙ୍କୁ ରାମନାଗୁଡ଼ା ଓ ଗୁଣୁପୁରରେ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ସେହିପରି ଗୁଣୁପୁର ଉପ ଜିଲ୍ଲାପାଳଙ୍କୁ ମଧ ଏହି ସମସ୍ୟା ସମ୍ପର୍କରେ ଅଭିଯୋଗ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରକାର ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ସ୍ଥାନୀୟ ଲୋକ ମାନେ କହିଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରା ନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଲୋକ ଚେତାବନୀ ଦେଇଛନ୍ତି।

## ଚାଉଳ ବୋଝେଇ ଟ୍ରକ୍ ଦୁର୍ଘଟଣା

# ଆନ୍ଧ୍ର-ଓଡ଼ିଶା ଯାତାୟାତ ପ୍ରଭାବିତ





ପଟ୍ଟାଙ୍ଗି,୭।୪(ସମିସ): ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଆନ୍ଧ୍ର ପ୍ରଦେଶର ସାଲୁର ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହେଲା ଟ୍ରକ। ସୋମବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଚାଉଳ ବୋଝେଇ ଟ୍ରକ୍‌ଟି ଓଡ଼ିଶାରୁ ଆନ୍ଧ୍ରକୁ ଯାଉଥିଲା ବେଳେ ଉକ୍ତ ଦୁର୍ଘଟଣା ଘଟିଛି। ତେଣୁ ଉଭୟ ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ଗାଡ଼ି ଚଳାଚଳ ରାତିତମାମ ଠପ୍ ହୋଇ ରହିଥିବା ବେଳେ ମଙ୍ଗଳବାର ଯାତାୟତକୁ ସ୍ୱାଭାବିକ କଲା ଆନ୍ଧ୍ର ପୁଲିସ। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତ୍ରି ସମୟରେ ଏକ ଚାଉଳ ବୋଝେଇ ଟ୍ରକ ଛତିଶଗଡ ଠାରୁ ପଟ୍ଟାଙ୍ଗି ଦେଇ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ସହରକୁ ଯାଉଥିଲା। ରାତ୍ରି ପ୍ରାୟ ୩.୩୦ ସମୟରେ ସାଲୁର ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗସ୍ତ ହୋଇଥିଲା। ବିଳମ୍ବିତ ରାତିରେ ଉକ୍ତ ଦୁର୍ଘଟଣା ଘଟିଥିବା ଯୋଗୁଁ ଉଭୟ ଆନ୍ଧ୍ର ଏବଂ ଓଡ଼ିଶା ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଆଜି ସକାଳେ ଆନ୍ଧ୍ର ସୀମାନ୍ତ ପାସିପେଣ୍ଟା ଥାନାର ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ ଦୁଇଗୋଟି କ୍ରେନ୍ ଘଟଣା ସ୍ଥଳରେ ଆଣିବା ସହ ସ୍ଥାନୀୟ ଜନତାଙ୍କ ସହାୟତାରେ ଚାଉଳ ବସ୍ତା ଗୁଡ଼ିକୁ ବୋହିଥିଲେ। ଏହାପରେ କ୍ରେନ୍ ସହାୟତାରେ ଟ୍ରକ୍‌କୁ ହଟାଯାଇ ଗାଡ଼ି ଚଳାଚଳ ସ୍ୱାଭାବିକ କରାଯାଇଥିଲା। ମଙ୍ଗଳବାର ଦିନ ପ୍ରାୟ ୧୦.୩୦ ସମୟରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇପାରିଥିବା ଜଣାପଡିଛି।

## ଚଢ଼େଇଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରବେଶ ଉତ୍ସବ



ଉମରକୋଟ,୭।୪ (ସମିସ): ଉମରକୋଟ ପୌରାଞ୍ଚଳ ୧୧ ନମ୍ବର ୱାର୍ଡ ସ୍ଥିତ ଚଢେଇଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଉମରକୋଟ ଗୋଷ୍ଠୀ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ନୀଳାଞ୍ଚଳ ମେହେର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଜିଲା ଶିକ୍ଷା ପରିଦର୍ଶକ ଉମେଶ ଚନ୍ଦ୍ର ଭୁକ୍ତା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଗ୍ରସେନ ନାୟକ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ପ୍ରସାଦ ଦାଶ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କ ନେତୃତ୍ୱରେ ଉମରକୋଟ ବ୍ଲକର ଶିକ୍ଷା ସଚେତନତା ରଥ ସହ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପ୍ଲାଗକାର୍ଡ ଧରି, ଶିକ୍ଷା ସଚେତନତାତ୍ମକ ସ୍ଲୋଗାନ୍ ଦେଇ ଗ୍ରାମ୍ୟ ପରିକ୍ରମା କରିଥିଲେ। ନୂତନ ଭାବେ ନାମ ଲେଖାଇବାକୁ ଆସିଥିବା ୨୦ ଜଣ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ସ୍ୱାଗତ ଜଣାଇଥିଲେ। ସମସ୍ତ ଅତିଥିମାନେ ନୂଆ କରି ନାମ ଲେଖାଇବାକୁ ଆସିଥିବା ଛାତ୍ରୀଛାତ୍ର ମାନଙ୍କୁ ଓଡ଼ିଶାର ପାରମ୍ପରିକ ଢଙ୍ଗରେ ଚନ୍ଦନ, ଅକ୍ଷତ, ଦୁବ, ବରକୋଳି ପତ୍ର, ପୁଷ୍ପ ଅର୍ପଣ ସହ ସ୍ଲେଟ୍‌ରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ ଓଁ ଲେଖାଇ ମନ୍ତ୍ରପାଠ ସହ ବିଦ୍ୟାରମ୍ଭ ତଥା ଖଡ଼ିଛୁଆଁ କାର୍ଯ୍ୟ କରାଇଥିଲେ। ଆୟୋଜିତ ସଭାରେ ପାଠପଢି ଶିକ୍ଷିତ ହେବାର ଉପକାରିତା ଏବଂ ବିଦ୍ୟାଳୟରେ ପିଲାମାନଙ୍କ ପାଇଁ ସରକାରୀ ସୁବିଧା, ସହାୟତା ସମ୍ପର୍କରେ ଅତିଥିମାନେ ସମସ୍ତଙ୍କୁ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ଦ୍ୱାରା ହସ୍ତପ୍ରସ୍ତୁତ ବିଭିନ୍ନ ଉପକରଣର ପ୍ରଦର୍ଶନୀ ଅତିଥିମାନେ ବୁଲି ଦେଖିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ କାର୍ଯ୍ୟକ୍ରମ ଗୁଡ଼ିକର ସୁପରିଚାଳନା କରିଥିଲେ।

## ସ୍ୱର୍ଗରଥ ଦାନ ଓ ଲୋକାର୍ପଣ

ବୋରିଗୁମ୍ମା, ୭।୪(ସମିସ): ବୋରିଗୁମ୍ମାର ଯୁବ ଆଇନଜୀବୀ ଓ ସମାଜସେବୀ ଶ୍ରୀ ମୁନା ଦୋରାଙ୍କ ପକ୍ଷରୁ ପୂର୍ବରୁ ବୋରିଗୁମ୍ମା ବ୍ଲକ୍‌କୁ ଗୋଟିଏ ଶବବାହକ ଗାଡ଼ି ପ୍ରଦାନ କରାଯାଇଥିଲା। ଆଜି ନିଶୁଳ୍କ ସେବା ନିମନ୍ତେ ଆଉ ଗୋଟିଏ 'ସ୍ୱର୍ଗ ରଥ' ଦାନ ଓ ଲୋକାର୍ପଣ କରାଯାଇଛି। ଏହି ଅବସରରେ କୋରାପୁଟର ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ଲେଙ୍କା, ଅତିରିକ୍ତ ତହସିଲଦାର ବୋଇନି ସତୀଶ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ନାରାୟଣ ରଥ, ମୁନା ଡୋରାଙ୍କ ବାପା ଓ ପୂର୍ବତନ ପୋଲିସ ଅଫିସର ବିଜୟ କୁମାର ଡୋରା, ପାଠାଗାର ସଭାପତି ବିଜୟ ନାରାୟଣ ସାହୁ, ଓକିଲ ସଂଘ ସଭାପତି ନାଗରାଜ ଡୋରା, ଚାମ୍ବର ଅଫ କମର୍ଶର ସଭାପତି ସୂର୍ଯ୍ୟ ଆଚାରୀ, ଆଇନଜୀବୀ ଅଶୋକ ଗନ୍ତାୟତ, ପ୍ରସାଦ ବିଡ଼ିକା ଓ ବିଘ୍ନ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ବୋରିଗୁମ୍ମାର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମୁନା ଦୋରା କହିଥିଲେ ଯେ, ବୋରିଗୁମ୍ମା ସହର ତାଙ୍କୁ ଅପାର ସ୍ନେହ, ଶ୍ରଦ୍ଧା, ଖ୍ୟାତି ଓ ସମ୍ମାନ ଦେଇଛି। ସମସ୍ତଙ୍କ ସହଯୋଗ ପାଇଁ ସେ ବୋରିଗୁମ୍ମା ପାଇଁ ଏହି ମହତ୍ କାର୍ଯ୍ୟ କରିପାରିଥିବା କହିଛନ୍ତି। ଆଗାମୀ ଦିନରେ ମଧ୍ୟ ସେ ସମାଜସେବା କାର୍ଯ୍ୟ ଜାରି ରଖିବେ ବୋଲି ଉଲ୍ଲେଖ କରିଥିଲେ।

## ସହିଦ ମାଟିରେ ବିଜୁଳି ସମସ୍ୟା



➤ ସୋଲାର ବ୍ୟବସ୍ଥା ନାହିଁ
➤ ସ୍ଥାୟୀ ବିଦ୍ୟୁତ ସେବା ଦାବି

ବୈପାରୀଗୁଡ଼ା,୭।୪(ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ଶହୀଦ ମାଟି ତେନ୍ତୁଳିଗୁମ୍ମାର ନଦୀ ଆରପଟେ ଥିବା ୬ ଖଣ୍ଡ ଗାଁ ଲୋକେ ମୌଳିକ ସୁବିଧା ପାଇବା ପାଇଁ ନୀତି ସଂଘର୍ଷ କରୁଥିବା ବେଳେ ଏବେ ବିଦ୍ୟୁତ ସମସ୍ୟା ନେଇ ବଢୁଛି ଅସନ୍ତୋଷ। ପୂର୍ବରୁ ୬ ଖଣ୍ଡ ଗାଁରେ ବିଦ୍ୟୁତ ସେବା ନ ଥିବା ବେଳେ ଏ ନେଇ ବହୁବାର ଦାବି ଉଠିଥିଲା ଏବଂ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରସାରିତ ହୋଇଥିଲା। ଏହା ପରେ ପ୍ରଶାସନ ବାଧ୍ୟହୋଇ ସୋଲାର ବ୍ୟବସ୍ଥା କରିଥିଲା। ଗାଁ ଲୋକେ ଖୁସି ହେଲେ ଯେ, ଆଲୁଅ ପାଇବେ। କିନ୍ତୁ କିଛି ଦିନ ପରେ କିଛି ସୋଲାର ଗୁଡିକ ଖରାପ ହୋଇଗଲା। ଏନେଇ ମରାମତି ପାଇଁ ଦାବି କଲେ ବି କେହି ଶୁଣିଲେ ନାହିଁ। ପୁଣି ଆଉ କିଛିଦିନ ପରେ ପ୍ରାୟ ସବୁ ସୋଲାର ଅଚଳ। ଏନେଇ ପୁଣି ଗାଁ ଲୋକେ ଦାବି କରିବା ପରେ ଏବେ ସୋଲାର ସଜାଡିବା ପାଇଁ ଗାଁରେ ପହଞ୍ଚିଥିଲେ ସୋଲାର କମ୍ପାନୀ କର୍ମକର୍ତ୍ତା। କିନ୍ତୁ ଗାଁ ଲୋକେ ବୈଠକ କରି ସୋଲାର କମ୍ପାନୀ କର୍ମକର୍ତ୍ତାଙ୍କୁ ସୋଲାର ମରାମତି ନ କରିବା ପାଇଁ ରୋକ୍‌ଠୋକ କହିଥିଲେ ଏବଂ ସେମାନଙ୍କୁ ଫେରାଇ ଦେଇଥିଲେ। ଗାଁ ଲୋକଙ୍କ ଅଭିଯୋଗ ଯେ, ସେମାନଙ୍କର କାମଚଳା ସୋଲାର ବ୍ୟବସ୍ଥା ନୁହେଁ, ସ୍ଥାୟୀ ବିଦ୍ୟୁତ ସେବା ଦରକାର। ସେମାନଙ୍କୁ ନିମ୍ନ ମାନର ସୋଲାର ଦିଆଯାଉଛି। ଯାହାର କି ଠିକାଦାର ଫାଇଦା ନେଉଛି। ଏଥିପାଇଁ ଗ୍ରାମର କାଶୀ ନାଥ ଚଲାଣ, ଶୁକ୍ରା ଭୂମିଆ, ରାମ ମାଣ୍ଡି, ସୁନାଧାର ପେଦା, ଗୁପ୍ତ ଦଳେଇ, କାମୁଲୁ ଭୂମିଆ, ସୋମନାଥ ନାୟକ, ଗଙ୍ଗାଧର ଖୁଆସି, ବଳରାମ ଭୂମିଆ, ଲମ୍ବୁ ଭୂମିଆ, ଦଶରଥ ଜିରାମ, ପିତାମ୍ବର ଜିରାମ, ବଳି ଭୂମିଆ, ସଦ୍ର ଭୂମିଆ ପ୍ରମୁଖ ସ୍ଥାୟୀ ବିଦ୍ୟୁତ୍ ବ୍ୟବସ୍ଥା କରାଯାଉ ବୋଲି ଜିଦ୍ ଧରିଛନ୍ତି।

## ଗ୍ୟାସ୍ ସଙ୍କଟ; କାଠ ଭରସା

ଉମରକୋଟ ୭।୪ (ସମିସ): ମିଳୁନି ଜାଳେଣି ଗ୍ୟାସ। ଗ୍ୟାସ ଅଭାବରୁ ଅଧିକାଂଶ ହୋଟେଲ, ଫାଷ୍ଟଫୁଡ୍ ସେଣ୍ଟର ଓ ଚା' ଦୋକାନ ବନ୍ଦ ହୋଇ ସାରିଛି। ଏବେ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ଓ ଘରମାନଙ୍କରେ ମଧ୍ୟ ଏହି ଆଶଙ୍କା ପରିଲକ୍ଷିତ ହେବାକୁ ବସିଲାଣି। ଗ୍ୟାସ ଅଭାବ ଜନିତ ସମସ୍ୟା ଯୋଗୁଁ ବିଦ୍ୟାଳୟ ଗୁଡିକରେ ରୋଷେଇ ବନ୍ଦ ହୋଇଯାଇଛି। ବିଦ୍ୟାଳୟ ଠାରେ କାଠରେ ରୋଷେଇୟା ମାନେ ରୋଷେଇ କରୁଥିବା ଦେଖିବାକୁ ମିଳିଛି। ଉମରକୋଟ ପୌର ପରିଷଦ ଠାରେ ଥିବା ବିଭିନ୍ନ ହୋଟେଲ ଗୁଡ଼ିକ ଏବେ କାଠ, କୋଇଲା ଓ ଡିଜେଲ୍ ଅତ୍ୟାଧୁନିକ ପଦ୍ଧତିରେ ରୋଷେଇ କରୁଥିବା ଦେଖିବାକୁ ମିଳିଛି। ହଜାର ହଜାର ଛାତ୍ରଛାତ୍ରୀ ଏହି ବିଦ୍ୟାଳୟ ଗୁଡିକରେ ନାମ ଲେଖାଇଛନ୍ତି। ସବୁ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ କାଠ ପରିବର୍ତ୍ତେ ଗ୍ୟାସରେ ରୋଷେଇ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ପୂର୍ବରୁ ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ ମିଳୁଥିବାରୁ କାମ ଚଳିଯାଉଥିଲା। ଏବେ ଗ୍ୟାସର ଘୋର ଅଭାବ ଯୋଗୁଁ ରୋଷେଇ ବନ୍ଦ ହୋଇଯିବା ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ଉମରକୋଟ ପ୍ରଶାସନ ପକ୍ଷରୁ ମଧ୍ୟ ଗ୍ୟାସ କଳାବଜାରୀ ଯେଭଳି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଯଦି ଯୁଦ୍ଧ ବନ୍ଦ ନ ହୁଏ, ତେବେ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ଫଳରେ ବିଦ୍ୟାଳୟ ଓ ଅଙ୍ଗନବାଡି ରୋଷେଇୟାଙ୍କ ମଧ୍ୟରେ ଭାଳେଣି ପଡ଼ିଗଲାଣି।

### ପାନୀୟ ଜଳ ସମସ୍ୟା

# ଚୁଆ ପାଣିରେ ମେଣ୍ଟୁଛି ଶୋଷ



ପୋଡ଼ାଗଡ଼,୭।୪(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ପଞ୍ଚାୟତ ଅନ୍ତର୍ଗତ ନାରଙ୍ଗୀ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଏହି ଗାଁର ଆଦିବାସୀ ସାହିରେ ପାନୀୟ ଜଳ ଘୋର ଅଭାବ ଦେଖା ଦେଇଛି। ସାହିରେ ପ୍ରାୟ ୫୫ ରୁ ୬୦ ପରିବାର ଆଦିବାସୀ ଲୋକ ବସବାସ କରନ୍ତି। ପାଖାପାଖି ୬୦ ପରିବାର ଥିଲେ ସୁଦ୍ଧା ଉକ୍ତ ସାହିରେ ଗୋଟିଏ ହେଲେ ନଳକୂଅ ନଥିବା ଦେଖିବାକୁ ମିଳିଛି। ଏହି ଦୃଶ୍ୟ ସମସ୍ତଙ୍କୁ ଚକିତ କରୁଛି। ଭାରତ ସ୍ୱାଧୀନତା ପୂର୍ବରୁ ଏହି ଗ୍ରାମରେ ପ୍ରାୟ ତିନି ସମ୍ପ୍ରଦାୟ ଲୋକ ବସବାସ କରୁଛନ୍ତି। କାମର ସାହି ଓ ହରିଜନ ସାହିରେ ନଳକୂଅ ରହିଛି। ଏହି ଦୁଇ ସାହିରେ ପାନୀୟ ଜଳ କୌଣସି ଅସୁବିଧା ନାହିଁ। କିନ୍ତୁ ଆଦିବାସୀ ସାହିର ଲୋକ ପାନୀୟ ଜଳ ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଦିବାସୀ ସାହିରେ ଗତ ଅକ୍ଟୋବର ମାସରେ ନୂଆ କୂଅ ଖୋଳା ଯାଇଛି। କିନ୍ତୁ ଏହି କୂଅରେ ଗୋଳିଆ ପାଣି ବାହାରୁଥିବାରୁ ଲୋକଙ୍କ ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ଆଉ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ଚୁଆ ଓ ନିକଟରେ ଥିବା ନଦୀପାଣି ବ୍ୟବହାର କରୁଥିବା ଗ୍ରାମର ବାବୁଲା ଜାନି, କଇତା ମୁଦୁଲି, ଦାନୁ ମୁଦୁଲି ପ୍ରମୁଖ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି ଆଗାମୀ ଦିନେ ଦୁଇ ଦିନ ଭିତରେ ପାଇପ୍ ଆସିଲେ ଖରାପ ଥିବା ନଳକୂଅ ମରାମତି କରାଯିବ ଏବଂ ଆସନ୍ତା କାଲି ସୁଦ୍ଧା ଉକ୍ତ କୂଅକୁ ସଫା କରାଯିବ।

## ଆଦିବାସୀ ପରମ୍ପରାର ପର୍ବ ବାଲିଯାତ୍ରା ଉଦ୍‌ଯାପିତ



କୋଷାଗୁମୁଡ଼ା, ୭।୪(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ କୋଟନିଆ ଗୁଡା ଗ୍ରାମରେ ତିନିମାସ ଧରି ଚାଲିଥିବା ବାଲିଯାତ୍ରା ଆଜି ସମ୍ପର୍ଣ୍ଣ ହୋଇଯାଇଛି। ୫ପିଢି ଧରି ତଥା ୨ ଶହ ବର୍ଷରୁ ପାଳନ ହୋଇ ଆସୁଥିବା କୋଟନିଆଗୁଡା ବାଲିଯାତ୍ରାଟି ସମୂହ ଆଦିବାସୀଙ୍କ ଏକ ମହତ୍ୱପୂର୍ଣ୍ଣ ପର୍ବ। ଏହି ବାଲି ଯାତ୍ରା ପ୍ରଥମ କରି ବଡ଼ ଧରଣର ବାଲିଯାତ୍ରା କୋଟନିଆ ଗୁଡା ଠାରେ ପାଳନ କରାଯାଇଛି। ପୁଣିଥରେ ୨୧ବର୍ଷ ପରେ ଏହି ଭଳି ବଡ ଧରଣର ବାଲି ଯାତ୍ରା ପାଳନ ହେବ ବୋଲି ଗ୍ରାମବାସୀ କହିଛନ୍ତି। ଏହି ବାଲିଯାତ୍ରା ପାଇଁ ଦେବତା ଭିମା, ଭୀମସେନ ସହ ଦେବୀ ରୋଇଲା ଓ କନ୍ଧନୀ ଦେବୀଙ୍କୁ ୩ମାସ ତଳୁ ପୂଜାର୍ଚ୍ଚନା କରିଥିଲେ ଗ୍ରାମବାସୀ। ରୋଗ, ବ୍ୟାଧି, ଭଲ ଫସଲ, ଚାଷ, ଗୋରୁଗାଈ, ଗ୍ରାମର ଜନସାଧାରଣଙ୍କ ଉନ୍ନତି ସାଧନ ନିମନ୍ତେ ଏହି ପୂଜା ୫ପିଢି ରୁ ପରମ୍ପରା ଅନୁସାରେ ପାଳନ କରି ଆସୁଛନ୍ତି। ତେବେ ଆଜିର ପୂଜାରେ ୩ ହଜାରରୁ ଅଧିକ ଶ୍ରଦ୍ଧାଳୁ ନିଜ ମନସ୍କାମନା ପାଇଁ ଏହି ବାଲିଯାତ୍ରାରେ ଦେବା ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ବାଲିଯାତ୍ରାରେ ରଙ୍ଗୀନ ଅଲୋକୀକରଣ ସହ ତୋରଣ, ରାମଦୋଳି ଖସଡ଼ା, ଜମ୍ପିଙ୍ଗ ଦୋଳି, ମିନାବଜାରକୁ ଆଖ ପାଖ ଗାଁର ଲୋକମାନେ ଉପଭୋଗ କରିଥିବା ଦେଖିବାକୁ ମିଳିଛି। ଏହି ବାଲିଯାତ୍ରା ପରିଚାଳନା କମିଟିର ପଦ୍ମନ ମାଳି, ଭଗବାନ ମାଳି, ଈଶ୍ୱର ମାଳି, ଗୁରୁ ପୂଜାରୀ ବନବାସୀ ପୂଜାରୀ, ଭକ୍ତି ପୂଜାରୀ, ଲକିରାମ ସିରା, ମାନସାଇ ବିନ୍ଧାଣିଙ୍କ ସହଯୋଗରେ ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ସେମିଳିଗୁଡ଼ା ମହାବିଦ୍ୟାଳୟରେ ଏନ୍‌ସିସି ପ୍ରଶିକ୍ଷଣ ଶିବିର



ସେମିଳିଗୁଡ଼ା,୭।୪ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଏନ୍‌ସିସି କ୍ୟାଡେଟମାନଙ୍କ ପାଇଁ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବେଦାର ଜଗଦୀଶ ପ୍ରସାଦ ଯାଦବଙ୍କ ନିର୍ଦ୍ଦେଶନାରେ ହାବିଲଦାର ହରପ୍ରୀତ ସିଂହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ,ମହାବିଦ୍ୟାଳୟର ୪୭ ଜଣ ଏନ୍‌ସିସି କ୍ୟାଡେଟ୍ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍‌ସି ସିଂହ କ୍ୟାଡେଟମାନଙ୍କୁ ଦେଶର ଉନ୍ନତିରେ ଏନସିସି କ୍ୟାଡେଟ୍ ମାନଙ୍କର ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ। ସୁବେଦାର ଜଗଦୀଶ ପ୍ରସାଦ ଯାଦବଙ୍କ ନେତୃତ୍ୱରେ କ୍ୟାଡେଟ ମାନଙ୍କୁ ପାରେଡ୍, ଶାରୀରିକ ପ୍ରଶିକ୍ଷଣ ଉପରେ ତାଲିମ ଦିଆଯାଇଥିଲା। ହାବିଲଦାର ହରପ୍ରୀତ ସିଂହ କ୍ୟାଡେଟମାନଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ମହାବିଦ୍ୟାଳୟର ପ୍ରଶାସନ ପକ୍ଷରୁ ସୁବେଦାର ଜଗଦୀଶ ପ୍ରସାଦ ଯାଦବ ଓ ହାବିଲଦାର ହରପ୍ରୀତ ସିଂହଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ପ୍ରଶିକ୍ଷଣକୁ ବାଣିଜ୍ୟ ଅଧ୍ୟାପକ ଓ ଏନ୍‌ସିସି ସିଟିଓ ଶ୍ରୀପତି ଚରଣ ଗିରି ପରିଚାଳନା କରିଥିଲେ। ପ୍ରଶିକ୍ଷଣରେ ଅଧ୍ୟାପକ ଦେବରାଜ ନାୟକ, ଶିବାଶିଷ ପଟ୍ଟନାୟକ, ନିରଞ୍ଜନ ପୋଡ ହର ପ୍ରସାଦ ପତି, ଅଧ୍ୟାପିକା ରତ୍ନମଣି କହଁର ପରିଚାଳନା କରିବାରେ ସାହାଯ୍ୟ କରିଥିଲେ। ପ୍ରଶିକ୍ଷଣ ଶିବିର ଏନସିସି କ୍ୟାଡେଟ୍ ମାନଙ୍କ ଜୀବନରେ ଏକ ନୂତନ ଦିଗ ଦେଖାଇବ ବୋଲି ଆଶା କରାଯାଉଛି।

## ଓଡ଼ିଆ ପକ୍ଷରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ରାଇଘର, ୭।୪ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପ୍ରଶାସନ ତରଫରୁ ଓଡିଆ ପକ୍ଷ ଅବସରରେ ମିନି ଷ୍ଟାଡିୟମ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକର୍ମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ମଣ୍ଟୁ ସ୍ୱାଇଁ, ଅବସର ପ୍ରାପ୍ତ କର୍ମଚାରୀ ମନୋହର ଦଣ୍ଡସେନା, ସୁଜିତ ହାଲଦାର, ସ୍ଥାନୀୟ ସରପଞ୍ଚ, ବ୍ଲକର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇ ଷ୍ଟାଡିୟମ୍ ପରିସରରେ ଥିବା ଅଳିଆ ଆବର୍ଜନା ସଫା କରୁଥିବା ଦେଖା ଯାଇଛି।

## ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉତ୍ସବ




ଚିତ୍ରକୋଣ୍ଡା, ୭।୪(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସଦମହକୁମା ସ୍ଥିତ ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରସିଂହ କୋପେଙ୍କ ଆହ୍ୱାନ କ୍ରମେ ରଜତ ଜୟନ୍ତୀ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରି ଖିଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଚିତ୍ତରଞ୍ଜନ ନାୟକ, ସହଜିଲ୍ଲା ପ୍ରମୁଖ ଶିକ୍ଷା ବିକାଶ ସମିତି ଓଡ଼ିଶା, ବିଦେଶୀ ଗୌଡ଼ ବିଧାୟକ ପ୍ରତିନିଧି, ମୁଖ୍ୟ ବକ୍ତା ଭାବେ ବିଶ୍ୱନାଥ ସାହୁ ପ୍ରଧାନ ଶିକ୍ଷକ ପାଙ୍ଗାମ ଉଚ୍ଚ ବିଦ୍ୟାଳୟ ରଜତ ଜୟନ୍ତୀ ଉତ୍ସବ ମଞ୍ଚରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ସଭାପତି ସତ୍ୟବାଦୀ ବେହେରା, ସମ୍ପାଦକ ଶଶାଙ୍କ ଶେଖର କର, କୋଷାଧ୍ୟକ୍ଷ ହେମନ୍ତ ନାୟକ, ପରିଚାଳନା କମିଟି ସଦସ୍ୟ ରତ୍ନାକର ପ୍ରଧାନ, ଦେବେନ୍ଦ୍ର ସାହୁ, ମୋନାଜ ପାତ୍ର, ହେମନ୍ତ ଭୁଁୟା, ଗୁରୁଚରଣ ଘଡେଇ, ଜିତେନ୍ଦ୍ର ରାଉତ, ସ୍ମୃତି ରଞ୍ଜନ ନାୟକ, ମଦନ ଦାସ, ଉତ୍ତମ ରାୟ, ଚିତ୍ରକୋଣ୍ଡାର ସମସ୍ତ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। ସନ୍ଧ୍ୟା ଅଧିବେଶନରେ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ଗୁରୁଜୀ ସୁବାସ ମାଝୀ, ସୌମ୍ୟା ରଞ୍ଜନ ଗୁଡ଼ିଆ, ସମ୍ବିତ ଗିରି, ସୁବାସ ଗୁଡ଼ିଆ, ଗୁରୁମା ସବିତା ମହାପାତ୍ର, କେ ଭାରତୀ ରାଓ, ସୁମତି ପାଇକରାୟ, ପ୍ରତିମା ଗରାଡ଼ା, ସୁବାସ ମାଝୀ, ତାରା ଖରା ଓ ଶିବାନୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ପିଏମ୍‌ଏୱାଇ ଯୋଜନାର ବିକଳ ରୂପ

# କାର୍ଯ୍ୟାଦେଶର ୭ ମାସ ବିତିଲା, କାମ ହେଉନି



ଜୟପୁର, ୭।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବିକଳ ରୂପ ଦେଖିବାକୁ ମିଳିଛି। ଦୀର୍ଘ ୮ ମାସ ପୂର୍ବରୁ କାର୍ଯ୍ୟାଦେଶ ହିତାଧିକାରୀଙ୍କ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିଲେ ସୁଦ୍ଧା ଟଙ୍କା ପ୍ରଦାନ କରାଯାଇନଥିବା ଯୋଗୁଁ ଗୃହ ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ। ଏଥିନେଇ ବୈଷୟିକ ସମସ୍ୟା ଜିପିଆରଏସ ମାଧ୍ୟମରେ ଜିଓ ଟେଗ୍ ହୋଇପାରୁନଥିବା ଯୋଗୁଁ ଜମିକୁ ଅନ୍‌ଲାଇନ ଚିହ୍ନଟ ହୋଇପାରିନଥିବା ଯୋଗୁଁ ଟଙ୍କା ପ୍ରଦାନରେ ସମସ୍ୟା ସୃଷ୍ଟି ହେଉଛି ବୋଲି ପୌରସଂସ୍ଥା କାର୍ଯ୍ୟାଳୟର ପିଏମଏୱାଇ ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ଏଥିରେ ହିତାଧିକାରୀ ହିଁ ହଇରାଣ ହେଉଛନ୍ତି। ଏହିପରି ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ହୋଇ ନପାରିଲେ କାର୍ଯ୍ୟାଦେଶ ମଧ୍ୟ ସ୍ଥଗିତ ହେବାର ଆଶଙ୍କାକୁ ନେଇ ହିତାଧିକାରୀ ସୁନାମ ଖୋସ୍ଲା ଚିନ୍ତାରେ ରହିଛନ୍ତି। ପ୍ରକାଶ ଯେ, ଜୟପୁର ପୌରାଞ୍ଚଳର ୪ନମ୍ବର ୱାର୍ଡର ଖ୍ରୀଷ୍ଟିଆନ ସାହି ବିଜୁ ରାଜନଗର ୪ର୍ଥ ଗଳିରେ ସୁନାମ ଖୋସ୍ଲାଙ୍କ ଭୂମିହୀନ ଭାବେ ସରକାରଙ୍କ ପକ୍ଷରୁ ଜଗତଧାତ୍ରୀ ମୌଜା ଖାତା ନମ୍ବର ୧୪୫୨ର ପ୍ଲଟ ନମ୍ବର ୯୬ରେ ୧୮.୬୮୮ ବର୍ଗ ଫୁଟର ଘରବାରି ଜମିକୁ ୨୦୧୭ ମସିହାରେ ପ୍ରଦାନ କରାଯାଇଥିଲା। ଉକ୍ତ ଜମିରେ ଆବାସ ଯୋଜନାରେ ଗୃହ କରିବା ନେଇ ହାତାଧିକାରୀ ଆବେଦନ କରିଥିଲେ। ଏହିପରି ପୌରସଂସ୍ଥା ପକ୍ଷରୁ ଉକ୍ତ ହିତାଧିକାରୀଙ୍କୁ ଗତବର୍ଷ ଅଗଷ୍ଟ ୧୯ ତାରିଖରେ ପିଏମଏୱାଇ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଟଙ୍କା ଆସିବା ଆଶା ନେଇ ପୁରୁଣା ଘର ଭାଙ୍ଗି ହିତାଧିକାରୀ ଶ୍ରୀ ଖୋସ୍ଲା ନିଜସ୍ୱ ଟଙ୍କାରେ ନୂତନ ଘର କାର୍ଯ୍ୟ ଆରମ୍ଭ କରିବା ସହିତ ଫାଉଣ୍ଡେସନ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ କରିଥିଲେ। କିନ୍ତୁ ଯୋଜନାରେ ଟଙ୍କା ନ ଆସିବାରୁ ଦାୟୀତ୍ୱରେ ରହିଥିବା ଯନ୍ତ୍ରୀ ଶ୍ରୀଲାଲ ପ୍ରଧାନଙ୍କ ସହିତ ଯୋଗାଯୋଗ କରିଥିଲେ। କିନ୍ତୁ ଉକ୍ତ ଜମିରେ ଅନ୍‌ଲାଇନରେ ବୈଷୟିକ ସମସ୍ୟା ଯୋଗୁଁ ଚିହ୍ନଟ ହୋଇପାରୁନାହିଁ ବୋଲି ପ୍ରକାଶ କରଛନ୍ତି। ଏଥିନେଇ ତହସିଲ କାର୍ଯ୍ୟାଳୟରେ ସଂଶୋଧନ କରାଗଲେ ଏହି ଜମି ଅନ୍‌ଲାଇନରେ ଚିହ୍ନଟ ହେବ ଏବଂ ନିର୍ମାଣ ପାଇଁ ଟଙ୍କା ପ୍ରଦାନ କରାଯିବ। ଏହିପରି ୱାର୍ଡ ନମ୍ବର ୪ର ପୌର କାଉନସିଲର ମଧୁସ୍ମିତା ଓରାଙ୍ଗ ଏବଂ ୫ ନମ୍ବର ୱାର୍ଡର କାଉନ୍‌ସିଲର ପ୍ରଣବ କିଶୋର ନାୟକ ଲିଖିତ ଭାବେ ସୁନାମଙ୍କ ଜମି ବୋଲି ଚିହ୍ନଟ କରିବା ସହିତ ପୌରସଂସ୍ଥାକୁ ଜଣାଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଜମି ହିତାଧିକାରୀ ସୁନାମଙ୍କ ନାମରେ ରହିଥିବା ବେଳେ ତାଙ୍କର ସାନ ଭାଇଙ୍କ ପତ୍ନୀ ଉକ୍ତ ଜମି ତାଙ୍କର ବୋଲି ମଧ୍ୟ ଏକ ଅଭିଯୋଗ କରିଛନ୍ତି। ବୈଷୟିକ ସମସ୍ୟା ଏବଂ ଜମ ମାଲିକାନାକୁ ନେଇ ବିବାଦ ଯୋଗ କାର୍ଯ୍ୟାଦେଶର ଅବଧି ପ୍ରଦାନର ୧୨ରୁ ୧୮ ମାସ ମଧ୍ୟରେ ରହିଥିବା ବେଳେ ଏହାର ସମାଧାନ ନ ହେଲେ କାର୍ଯ୍ୟାଦେଶ ଖାରଜ ହେବା ସହିତ ହିତାଧିକାରୀଙ୍କ ଗୃହ ନିର୍ମାଣରେ ସମସ୍ୟା ହେବା ନେଇ ଆଶଙ୍କା ଦେଇଛି।

## ଜିଲ୍ଲା ଓକିଲ ସଂଘର ୨ ସଦସ୍ୟଙ୍କ ନାମାଙ୍କନପତ୍ର କାଏମ

ଜୟପୁର, ୭ ।୪(ସମିସ) : ଜୟପୁର ସ୍ଥିତ ଜିଲ୍ଲା ଆଇନଜୀବୀ ସଂଘର ଗତମାସ ୨୮ ତାରିଖରେ ନିର୍ବାଚନ ଏବଂ ୩ ତାରିଖରେ ଶପଥ ଗ୍ରହଣ ଉତ୍ସବ ଶେଷ ହୋଇଛି। ସମୁଦାୟ ୫ଟି କାର୍ଯ୍ୟକାରୀ ସଦସ୍ୟ ମଧ୍ୟରୁ ୪ଟି ପୁରଷ ଏବଂ ୩ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ପୁରୁଷ ପଦବୀ ପାଇଁ ୫ଜଣ ସଦସ୍ୟଙ୍କ ମଧ୍ୟରେ ନିର୍ବାଚନ ହୋଇଥିଲା । ଏଥିରେ ୪ଜଣ ପ୍ରାର୍ଥୀ ବିଜୟୀ ହୋଇଥିଲେ ଏବଂ ଗୋଟିଏ ମହିଳା ପ୍ରାର୍ଥୀ ବିନା ନିର୍ବାଚନରେ ନିର୍ବାଚିତ ହୋଇଥିଲେ। କିନ୍ତୁ ମହିଳାଙ୍କ ପାଇଁ ସଂରକ୍ଷିତ ଅନ୍ୟ ୨ଟି ପଦବୀ ଖାଲି ରହିଥିଲା। ତେଣୁ ଉକ୍ତ ପଦବୀ ପାଇଁ ଗତକାଲି ଆଇନଜୀବି ଅଞ୍ଜନା ସିଂ ଏବଂ ନିବେଦିତା ରଥ ନାମାଙ୍କନ ଦାଖଲ ହୋଇଥିବା ବେଳେ ଆଜି ଏହାର ଯାଞ୍ଚ କରାଯାଇ ଉଭୟ ନାମାଙ୍କନ ପତ୍ର କାୟମ ରହିଥିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ଦୁଇଟି ପଦବୀ ପାଇଁ ଦୁଇଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେଣୁ ଏହି ପଦବୀ ପାଇଁ ନିର୍ବାଚନ କୌଣସି ଆବଶ୍ୟକତା ନଥିବା ଯୋଗୁଁ ଉଭୟ ମହିଳା କାର୍ଯ୍ୟକାରୀ ସଦସ୍ୟା ପାଇଁ ନିର୍ବାଚିତ ସୁନିଶ୍ଚିତ ହୋଇଛି। ତେବେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଘୋଷଣା ପରେ ଏ ନେଇ ସ୍ପଷ୍ଟ ହେବ।

# ଶ୍ମଶାନରେ ଜଳିଲା ୪ ଜୁଈ

କୋରାପୁଟ,୭।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ନିକଟ ବଡକୁମାରୀ ଠାରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇଟି କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ କୋରାପୁଟର ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ କୋରାପୁଟରେ ଶୋକର ଛାୟା ଖେଳିଯାଇଛି। ଗତକାଲି ଦୁର୍ଘଟଣାରେ କୋରାପୁଟ ସହରର ଅରୁଣ ପଣ୍ଡାଙ୍କ ସହ ତାଙ୍କ ଭାଇ ବଂଶୀଧର ପଣ୍ଡା, ଭଣଜା ଓ ନାତିର ମୃତ୍ୟୁ ହୋଇଥିଲା। ମୃତଦେହ ନବରଙ୍ଗପୁରରୁ ମହାପ୍ରୟାଣ ଗାଡି ଯୋଗେ କନ୍ହେଇପୁଟରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କାନ୍ଦବୋବାଳିରେ ଫାଟି ପଡୁଥିଲା ପରିବେଶ। ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରରୁ ୪ ଜୀବନ ଚାଲି ଯାଇଥିବା ବେଳେ ସତେ ଯେମିତି ପୁରା ପରିବାର ଉପରେ କଳାବାଦଲ ଘୋଟି ଆସିଛି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ବହୁ ଲୋକ ତାଙ୍କ ବାସଭବନରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଆଜି ଅପରାହ୍ନରେ କୋରାପୁଟ ଶ୍ମଶାନରେ ୪ ଜଣଙ୍କର ଶବସତ୍କାର କରାଯାଇଛି। ସୂଚନାଯୋଗ୍ୟ ଯେ ଅରୁଣ ପଣ୍ଡା ଓ ତାଙ୍କ ଭାଇ କୋରାପୁଟରୁ ନିଜ ପରିବାର ସହ ନବରଙ୍ଗପୁର ଝରିଗାଁ ଚିତାବେଢା ଗାଁର ଏକ ବ୍ରତଘର ଭୋଜି ଖାଇ ଗାଡିରେ ଘରକୁ ଫେରୁଥିଲେ। ନବରଙ୍ଗପୁର ଉମରକୋଟ-କୁଣ୍ଡେଇ ରାସ୍ତାର ବଡ଼କୁମାରୀ ନିକଟ ଭାରତମାଳା ଜାତୀୟ ରାଜପଥରେ ବିପରୀତ ଦିଗରୁ ଆସୁଥିବା ଏକ ବରଯାତ୍ରୀ ଗାଡ଼ି ସହ କାର୍‌ଟିର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୧୦ ବର୍ଷୀୟ ଆଶୁତୋଷ ରଥ, ଅରୁଣ ପଣ୍ଡା ଓ ସୁବ୍ରତ ଶତପଥୀଙ୍କ ମୃତ୍ୟୁ ହୋଇଥିଲା। ପରେ ଚିକିତ୍ସାଧୀନ ଅବସ୍ଥାରେ ବଂଶୀଧର ପଣ୍ଡା ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ଅରୁଣ ଓ ବଂଶୀଧର ସମ୍ପର୍କରେ ଦୁଇ ଭାଇ ଏବଂ ଆଶୁତୋଷ ଓ ଅରୁଣ ସମ୍ପର୍କରେ ଅଜା ଓ ନାତି ଥିବା ଜଣାପଡ଼ିଛି।



କୋରାପୁଟରେ ଶୋକାକୁଳ ପରିବେଶ

## ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ଖଇରପୁଟ, ୭ ।୪(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରିନ୍ସିପାଲ ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ୯ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ଶିକ୍ଷାଧିକାରୀ ଦିଲୀପ କୁମାର ଗଣ୍ଡ, ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ପୋଡଘାଟ ଓଏଭି ଅଧ୍ୟକ୍ଷ ରାଜିବ କୁମାର ଦତ୍ତ, ଅଧ୍ୟାପକ ପପୁ ସାହୁ ଓ ସମାଜସେବୀ ତ୍ରିନାଥ ଶଗରୀଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ସଞ୍ଚାଳନା ବିଦ୍ୟାଳୟର ଶିକ୍ଷକ ରସାନନ୍ଦ ନାୟକ ଓ ଶିକ୍ଷୟିତ୍ରୀ ଜିଜ୍ଞାସା ବିଶ୍ୱାଳ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ ବିଦ୍ୟାଳୟ ର ବିଭିନ୍ନ ଉପଲବ୍ଧି ଓ ସମସ୍ୟା ସମ୍ପର୍କିତ ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ଅତିଥି ମାନେ ବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହାପରେ ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ପପୁ ସାହୁ ଅତିଥି ମାନଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ରାୟଗଡ଼ାରେ ବର୍ଣ୍ଣବୋଧ ଦିବସ

ରାୟଗଡ଼ା,୭।୪(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ମଙ୍ଗଳବାର ଦିନ ବର୍ଣ୍ଣବୋଧ ଦିବସ ପାଳିତ ହୋଇଛି। ସ୍ଥାନୀୟ ଗାନ୍ଧିନଗର ଏବଂ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ଏହି ଦିବସରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ , ରାୟଗଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ସ୍ମୃତି ରେଖା ନାୟକ, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ବାତରିଆ ଓ ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ପିଲାଙ୍କୁ ଶିଶୁ ଲେଖା ଗଳ୍ପ ପୁସ୍ତକ ବଣ୍ଟନ କରିଥିଲେ। ପଞ୍ଚାୟତ ସମିତି ରାୟଗଡ଼ା ତରଫରୁ କୁନି କୁନି ପିଲାଙ୍କୁ ବର୍ଣ୍ଣବୋଧ ସହ ମିଷ୍ଟାନ୍ନ ମଧ୍ୟ ବଣ୍ଟନ କରାଯାଇଥିଲା। ସେହିଭଳି ଅନେକ ବିଦ୍ୟାଳୟ ସ୍ତରରେ ଛବିଳ ବର୍ଣ୍ଣବୋଧ ପିଲାଙ୍କୁ ବଣ୍ଟନ କରାଯାଇ ବ୍ଲକ ସ୍ତରୀୟ ବର୍ଣ୍ଣବୋଧ ଦିବସ ପାଳନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡିଆ ଭାଷା ପ୍ରତିଷ୍ଠାନ ତରଫରୁ ଏହାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ କହିଛନ୍ତି। ପ୍ରତି ବିଦ୍ୟାଳୟରେ ପିଲାଙ୍କୁ ବର୍ଣ୍ଣବୋଧରୁ ଶିକ୍ଷାର ପ୍ରାରମ୍ଭ ହେଲେ ପିଲାଙ୍କ ଭାଷାର ବିକାଶ ହେବା ସହ ବନାନ ଶୁଦ୍ଧି ହୋଇପାରିବ ବୋଲି ଏବିଡିଓ କାଳୁ ଚରଣ ନାୟକ ପ୍ରକାଶ କରିଛନ୍ତି।



## ଉପର ଜୁମୁରୁଗୁଡ଼ା ବିଦ୍ୟାଳୟରେ ବର୍ଣ୍ଣମାଳା ପୂଜନ ଦିବସ



ପଦ୍ମପୁର,୭।୪(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ ଆଜ ଓଡ଼ିଆ ବର୍ଣ୍ଣମାଳା ପୂଜନ ଦିବସ ଉପର ଜୁମୁରଗୁଡା ସରକାରୀ ପ୍ରାଥମିକରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଓଡ଼ିଆ ଭାଷାବିତ ଦିଲୀପ କୁମାର କରଙ୍କ ପ୍ରଚେଷ୍ଟାରେ ଆଜି ବିଦ୍ୟାଳୟରେ ଉକ୍ତ ଦିବସଟି ପାଳନ କରାଯାଇଛି। ଏହି ଅବସରରେ ପ୍ରଥମେ ନିମନ୍ତ୍ରିତ ହୋଇ ଆସିଥିବା ଓଡ଼ିଆ ଭାଷାବିତ୍ ପ୍ରତାପ ଚନ୍ଦ୍ର ରାୟ, ପ୍ରଭାତ ଶତପଥି, ସୁଭାଷ ଚନ୍ଦ୍ର ସାହୁ, ରୁପେଶ ସାହୁ, କବୟିତ୍ରୀ ଗାୟତ୍ରୀ ପଣ୍ଡା ଓ ଶୁଭାସିନୀ ମିଶ୍ର, ଶିଶୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶକ୍ତି ଦାସ, ଗଣମାଧ୍ୟମ ପ୍ରତିନିଧି ରବି ମହାପାତ୍ର, ପ୍ରଭୃତିଙ୍କୁ ଫୁଲ ଚନ୍ଦନ ଓ ଉପଢୌକନ ଦେଇ ବିଦ୍ୟାଳୟକୁ ସ୍ୱାଗତ କରି ଅଣାଯିବା ପରେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୂବନାନନ୍ଦ ଖାଡ଼ଙ୍ଗା ମନ୍ତ୍ର ଉଚ୍ଚାରଣ କରି ଶ୍ରୀ ଜଗନ୍ନାଥଙ୍କ ଠାରେ ନଡ଼ିଆ ଭାଙ୍ଗି ପୂଜନ କାର୍ଯ୍ୟ କରିଥିଲେ। ବିଭିନ୍ନ ବେସରକାରୀ ପୁସ୍ତକ ସହ, ବିଭିନ୍ନ ଶ୍ରେଣୀର ସରକାରୀ ପାଠ୍ୟ ପୁସ୍ତକରେ ଓଡ଼ିଆ ବର୍ଣ୍ଣ ଜନିତ ତ୍ରୁଟି ଦେଖି ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ସରକାର ତୁରନ୍ତ ଏହାର ସମାଧାନ କରିବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ୧୫ ବର୍ଷରୁ ଅଧିକ ନିରକ୍ଷରଙ୍କୁ ସାକ୍ଷର କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟକୁ ପ୍ରଦତ୍ତ 'ଉଲ୍ଲାସ' ବହିଟିର ପ୍ରାୟ ପ୍ରତ୍ୟେକ ପୃଷ୍ଠାର ଓଡ଼ିଆ ବନାନ ଗତ ତୃଟି ସହ ଉକ୍ତ ପୁସ୍ତକର ୪ଟି ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ୪ ପ୍ରକାରର ଓଡ଼ିଆ ବର୍ଣ୍ଣକ୍ରମ ଓ ସଂଖ୍ୟା ମୁଦ୍ରିତ ହୋଇ ଥିବାର ଜାଣି ତୁରନ୍ତ ଏହାର ସଂଶୋଧନ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହୃଷିକେଶ ପରବାଲା, ଆରତୀ ପରିବାଲା, ରେଣୁବାଳା ନାୟକ, ବନିତା ନାୟକ ପ୍ରମୁଖ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର ଓ ପ୍ରଶାନ୍ତ ସାହୁ ସହଯୋଗ କରିଥିଲେ।

## ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କଲେ ଜିଲ୍ଲାପାଳ



ମାଲକାନଗିରି,୭ ।୪(ସମିସ): ମାଲକାନଗିରି ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବା ପାଇଁ ଆଜି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ଏବଂ ପ୍ରଗତି ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ବିଶେଷ କରି ଜିଲ୍ଲାର ଗମନାଗମନ, ଶିଳ୍ପ ଓ ଜଳସେଚନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା। ରେଳ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଏବଂ ଏହାକୁ ଶୀଘ୍ର ଶେଷ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ମାଲକାନଗିରିରେ ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ପ୍ରସ୍ତାବିତ ସିମେଣ୍ଟ କାରଖାନାର ସ୍ଥିତି ଏବଂ ନିର୍ମାଣାଧୀନ ହାଇ-ଲେଭଲ୍ ବ୍ରିଜ୍‌ଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହା ବ୍ୟତୀତ, ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପ, ଜିଲ୍ଲାରେ ମୋବାଇଲ୍ ନେଟୱାର୍କର ସମ୍ପ୍ରସାରଣ ଏବଂ ରାସ୍ତା ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ପ୍ରକଳ୍ପ ପାଇଁ ଏକ ସ୍ୱତନ୍ତ୍ର ଡେଡ୍‌ଲାଇନ୍ ବା ତାରିଖ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ହିଁ କାର୍ଯ୍ୟଗୁଡ଼ିକ ସଠିକ୍ ଭାବେ ସମାପ୍ତ ହୋଇପାରିବ ବୋଲି ସେ ଅଧିକାରୀମାନଙ୍କୁ କହିଛନ୍ତି। ଏହି ସମୀକ୍ଷା ବୈଠକରେ ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ ଡିଏନ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ବିଭିନ୍ନ ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗର ରିପୋର୍ଟ ପ୍ରଦାନ କରିଥିଲେ।

## ବାଳିକାଙ୍କୁ ସନ୍ତରଣ, ଜୀବନ ରକ୍ଷା କୌଶଳ ପ୍ରଶିକ୍ଷଣ



ମାଲକାନଗିରି,୭।୪ (ସମିସ): ବାଳିକାମାନଙ୍କୁ ଆତ୍ମନିର୍ଭରଶୀଳ ଓ ସାହସୀ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ବଣ୍ଡାବାକୁଲି ବନ୍ଧଠାରେ ବାଳିକାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସନ୍ତରଣ ଓ ସ୍ୱୟଂ ପ୍ରତିରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଛନ୍ତି ଯେ, ବାଳିକାମାନଙ୍କ ସୁରକ୍ଷା ଓ ସେମାନଙ୍କୁ ସଶକ୍ତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ୍ରାଫ ଟିମ୍‌ର ୨୦ ଜଣ ଅଭିଜ୍ଞ ପ୍ରଶିକ୍ଷକ ବାଳିକାମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ପ୍ରତି ବ୍ୟାଚ୍‌ରେ ୩୦ ଜଣ ବାଳିକା ଅଂଶଗ୍ରହଣ କରୁଥିବା ବେଳେ ଏହା ୭ ଦିନ ବ୍ୟାପୀ ଚାଲିବ। ଏଥିରେ ମୁଖ୍ୟତଃ ସନ୍ତରଣ ଏବଂ ବୁଡ଼ିଯିବା ସମୟରେ ଜୀବନ ରକ୍ଷା କରିବାର ବିଭିନ୍ନ କୌଶଳ ଶିକ୍ଷା ଦିଆଯାଉଛି। ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଏସଡିପିଓ ଦିବ୍ୟଜ୍ୟୋତି ଦଳେଇ ଏବଂ ଡେପୁଟି କଲେକ୍ଟର ଜରୁରୀ କାଳୀନ ଦୀପ୍ତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ବାଳିକାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

## ଝଞ୍ଜାବତୀ ନଦୀକୁ ଡେଇଁ ଯୁବକ ନିଖୋଜ!

ରାୟଗଡ଼ା,୭।୪(ସମିସ): ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣି ମନ୍ଦିର ନିକଟସ୍ଥ ଝଞ୍ଜାବତୀ ପୋଲ ଉପରୁ ଆଜି ଜଣେ ଯୁବକ ଡେଇଁ ପଡି ନିଖୋଜ ହୋଇଛନ୍ତି। ବ୍ୟକ୍ତି ଜଣକ ହେଲେ ରାୟଗଡା ସହର କୋଅପରେଟିଭ୍ କଲୋନୀର ରଞ୍ଜିତ୍ କୁମାର ସାହୁ। ଝଞ୍ଜାବତୀ ପୋଲ ନିକଟରେ ରଂଜୀତଙ୍କ ଚପଲ ଓ ବାଇକ୍ ରହିଥିବା ଦେଖିବାକୁ ମିଳିଥିଲା। ଆଜି ସକାଳେ ସାଢେ ୯ଟା ସମୟରେ ରାୟଗଡ଼ା ଦମକଳ କେନ୍ଦ୍ରକୁ ଉକ୍ତ ଘଟଣା ସମ୍ପର୍କରେ ଖବର ମିଳିବା ପରେ ଦୀର୍ଘ ଘଣ୍ଟା ଧରି ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଝଞ୍ଜାବତୀ ନଦୀରେ ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ରଞ୍ଜିତଙ୍କ କୌଣସି ପତ୍ତା ମିଳିପାରିନାହିଁ। ଖବର ପାଇ ରାୟଗଡା ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନିଖୋଜ ରଞ୍ଜିତ ସାହୁ ଏକ କାରଖାନାରେ ଫୋରମ୍ୟାନ୍ ରୂପେ କାର୍ଯ୍ୟ କରୁଥିଲେ ଏବଂ ୨ମାସ ତଳେ ଉକ୍ତ କମ୍ପାନୀରୁ କୌଣସି କାରଣରୁ ଚାକିରି ଛାଡିଦେଇଥିଲେ । ଏ ନେଇ ଅଗ୍ନିଶମ ବାହିନୀର କର୍ମଚାରୀ ଟଙ୍କଧର ସାହୁଙ୍କୁ ପଚାରିବାରୁ ଖବର ପାଇ ସେମାନେ ଝଞ୍ଜାବତୀ ନଦୀରେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ଯୁବକ ଜଣକ ନଦୀକୁ ଡେଇଁଥିବା ନେଇ କେହି ଜଣେ ମଧ୍ୟ ସ୍ଥାନୀୟ ଲୋକେ ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ଆସନ୍ତକାଲି ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି।

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟସେବା ଶିବିର




ରାୟଗଡ଼ା,୭।୪(ସମିସ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ରାୟଗଡ଼ା କ୍ୟାମ୍ପସର 'ସ୍କୁଲ ଅଫ୍ ନର୍ସିଂ' ପକ୍ଷରୁ ଥେରୁବାଲି ଏବଂ ବୈରାଗି ହାଲୁଆ ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା ଓ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଗତ ସୋମବାରରେ ଥେରୁବାଲି ଗ୍ରାମରେ ସ୍ୱାସ୍ଥ୍ୟସେବା ଆୟୋଜିତ ହୋଇଥିଲା। ଶିବିରରେ ୭୬ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହ ୪୦ ଜଣ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ହାତ ଧୋଇବା, ବ୍ୟକ୍ତିଗତ ପରିମଳ ଏବଂ ଦାନ୍ତର ଯତ୍ନ ନେବା ସମ୍ପର୍କରେ ନର୍ସିଂ ଛାତ୍ରଛାତ୍ରୀମାନେ ଶିକ୍ଷା ପ୍ରଦାନ କରିଥିଲେ। ଶିବିରରେ ୩୯ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୩୭ ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ସେହିପର ଦ୍ୱିତୀୟ ଦିନରେ ଆଜି ବୈରାଗି ହାଲୁଆଠାରେ ଚକ୍ଷୁ ଓ ମଧୁମେହ ପରୀକ୍ଷା ଶିବିର କରାଯାଇଥିଲା। ଦ୍ୱିତୀୟ ଦିନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଚଳିତ ବର୍ଷର ବିଷୟବସ୍ତୁ "ସ୍ୱାସ୍ଥ୍ୟ ପାଇଁ ଏକାଠି ହୁଅ। ବିଜ୍ଞାନ ସହିତ ଠିଆ ହୁଅ" କୁ ଆଧାର କରି ବୈରାଗି ହାଲୁଆ ଆଦିବାସୀ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରର ମୋଟ ୧୩୩ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସମସ୍ତଙ୍କୁ ତୁରନ୍ତ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ଯାହାକି ଶିବିରର ମୁଖ୍ୟ ଆକର୍ଷଣ ରେକର୍ଡ ସଂଖ୍ୟକ ଚକ୍ଷୁ ପରୀକ୍ଷା ହୋଇପାରିଥିଲା। ଓପିଡ଼ି ସେବା ମାଧ୍ୟମରେ ୧୫୭ ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ପାଇଥିଲେ। ମଧୁମେହ ପରୀକ୍ଷାରେ ୬୨ ଜଣଙ୍କର ରକ୍ତ ଶର୍କରା (ଆରବିଏସ) ପରୀକ୍ଷା କରାଯାଇ ମଧୁମେହ ରୋଗର ପ୍ରାରମ୍ଭିକ ଚିହ୍ନଟ କରାଯାଇଥିଲା। କାର୍ଯ୍ୟକ୍ରମରେ ନର୍ସିଂ ଛାତ୍ରଛାତ୍ରୀ ନିଜର ନେତୃତ୍ୱ କଳା ପ୍ରଦର୍ଶନ କରିବା ସହ ଗ୍ରାମବାସୀଙ୍କୁ ବିଜ୍ଞାନଭିତ୍ତିକ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିଥିଲେ।

## ୧୬ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦଳ ଘୋଷଣା



ନବରଙ୍ଗପୁର,୭।୪(ସମିସ): ରାଜ୍ୟ କ୍ରିକେଟ୍ ସଂଘ ଏବଂ ଜିଲ୍ଲା କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ୧୬ ବର୍ଷରୁ କମ୍ ବୟସର ଖେଳାଳିଙ୍କୁ ନେଇ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଖେଳାଳି ଚୟନ ଶିବିର ଶେଷ ହୋଇଛି। ଜିଲ୍ଲାର କୋଣ ଅନୁକୋଣରୁ ମୋଟ ୭୦ରୁ ଅଧିକ ଖେଳାଳି ଉକ୍ତ ଶିବିରରେ ଭାଗ ନେଇଥିଲେ। ଏହି ଖେଳାଳିଙ୍କୁ ନେଇ ୪ଟି ଦଳରେ ଭାଗ କରାଯାଇଥିଲା। ପ୍ରଦର୍ଶନ ଆଧାରରେ ସେମାନଙ୍କ ମଧ୍ୟରୁ ୧୬ ଜଣିଆ ଦଳ ଚୟନ କରାଯାଇଛି। ଅଙ୍କୁଶ ରାଓଙ୍କ ନେତୃତ୍ୱରେ ଉକ୍ତ ୧୬ ଜଣିଆ ଦଳକୁ କ୍ରିକେଟ ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ଘୋଷଣା କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାଧୀନ ପଟ୍ଟନାୟକ, ରିତ୍ ହରିଜନ, ନିକ୍ଲେଶ ବୈଶାକ, ସାହିଲ ହରିଜନ, ରଘୁବୀର ପଟ୍ଟନାୟକ, ରୋହିତ୍ ରେଡ୍ଡୀ, ସାହିଲ କୁଜୁର, ବିବେକ ବାନୁଆ, ଶାଶ୍ୱତ ତ୍ରିପାଠୀ, ସାଇ ଦୁର୍ଗା ବେହେରା, ଏମ୍.ଡି.ଏ ଲାଠିଆ, ନମନ୍ ଖୈରା, ଆଶୁତୋଷ ଗନ୍ତାୟତ, ୟୁଦୀପ ଏବଂ ସାହିଲ ହଲବା ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ମ୍ୟାନେଜର ଭାବରେ ସଂଘର ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା ଏବଂ କୋଚ୍ ଭାବରେ ଲାଲ ମହମ୍ମଦ ଖାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସଂଘର ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। କ୍ରିକେଟ ସଂଘର ସହ ସମ୍ପାଦକ ଏମ୍ ବାଲା କ୍ରୀଷ୍ଣା ରାଓ ସମେତ ଅନ୍ୟ ସମସ୍ତ ସଦସ୍ୟ ଖେଳାଳିଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା। ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ କଟକ ଠାରେ ଏଇ ଟୁର୍ଣ୍ଣାମେଣ୍ଟ ଏପ୍ରିଲ ୨ ତାରିଖରୁ ଆରମ୍ଭ ହୋଇଯାଇଛି। ଓଡ଼ିଶା କ୍ରିକେଟ ସଂଘ ଦ୍ୱାରା ଗଠିତ ୬ ଗୋଟି ଗ୍ରୁପ ମଧ୍ୟରୁ ନବରଙ୍ଗପୁର ଜିଲ୍ଲା ଦଳ ଗ୍ରୁପ ଡି ରେ ସ୍ଥାନ ପାଇଥିବା ଯୋଗୁଁ ଜିଲ୍ଲା ଦଳ ଆସନ୍ତା ୧୦ ଏପ୍ରିଲ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଏକ ଦିବସୀୟ ଫର୍ମାଟରେ କଟକ, ଯାଜପୁର, କୋରାପୁଟ, ବୌଦ ଏବଂ ମାଲକାନଗିରି ସହ ଲିଗ୍ ମ୍ୟାଚ୍ ଖେଳିବେ ବୋଲି ବରିଷ୍ଠ ସଦସ୍ୟ ଅଶୋକ ନାୟକ ସୂଚନା ଦେଇଛନ୍ତି। ଚୟନ ପ୍ରକ୍ରିୟାକୁ ସଂଘର ବରିଷ୍ଠ ସଦସ୍ୟ ଦୁର୍ଯ୍ୟ ହରିଜନ, ଜି. ଚନ୍ଦ୍ରଶେଖର , ସୁବ୍ରତ ଗଣ୍ଡ ଏବଂ ବରିଷ୍ଠ ମହିଳା କ୍ରିକେଟ ଖେଳାଳି ଅଜିତା ଦାସ ସମେତ କ୍ରିକେଟ ସଂଘର ଅନ୍ୟ ପୁରୁଷ ଏବଂ ମହିଳା ସଦସ୍ୟ ଏବଂ ଖେଳାଳି ସହଯୋଗ କରିଥିଲେ।

## ପ୍ରମାଣପତ୍ର ଥାଇ ବି ମିଳୁନି ବିକଳାଙ୍ଗ ଭତ୍ତା

# ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ପରିବାର

ରାୟଗଡ଼ା,୭।୪(ସମିସ): ରାୟଗଡ଼ାର ଦୁଇଟି ପୃଥକ ପରିବାରର ଦିବ୍ୟାଙ୍ଗ ସଦସ୍ୟମାନେ ୮୦ ଓ ୧୦୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ରଖିଥିବା ସତ୍ତ୍ୱେ ସରକାରଙ୍କ ବର୍ଦ୍ଧିତ ଭତ୍ତା ୩୫୦୦ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏକ ବର୍ଷରୁ ଅଧିକ ସମୟ ହେବ ବର୍ଦ୍ଧିତ ଭତ୍ତା ପାଇବାକୁ ଆବେଦନ କରିଥିଲେ ମଧ୍ୟ ସେମାନେ ପୂର୍ବପରି ମାସିକ କେବଳ ୧୨୦୦ ଟଙ୍କା ଭତ୍ତା ପାଉଛନ୍ତି। ଏ ନେଇ ଚଳିତ ମାସ ପ୍ରଥମ ସୋମବାର ଦିନ ରାୟଗଡ଼ା ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଉଭୟ ପରିବାର। ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ମୁକୁନ୍ଦପୁର ଗ୍ରାମର ଡମ୍ ସାହିରେ ରହୁଥିବା ବାବୁଲା ଓ ସାବିତ୍ରୀ ନାଗଙ୍କ ୧୬ବର୍ଷିୟ ପୁଅ ଜିତୁ ନାଗ ଜନ୍ମରୁ ଦିବ୍ୟାଙ୍ଗ। ଜିତୁଙ୍କ ବାପା ଜଣେ ମିସ୍ତ୍ରୀ ଭାବେ କାମ କରୁଥିବା ବେଳେ ଜିତୁଙ୍କ ସମେତ ତାଙ୍କର ୩ ଝିଅ ଓ ୨ଟି ପୁଅ ରହିଛନ୍ତି। ପରିବାର ଭରଣପୋଷଣ ପାଇଁ ବାବୁଲା ରୋଜଗାର ପାଇଁ ବାହାରକୁ ଯାଉଥିବା ବେଳେ ଦିବ୍ୟାଙ୍ଗ ପୁଅ ଜିତୁର ସେବା ମା ଓ ଭଉଣୀମାନେ କରିଥାନ୍ତି। ଯାତାୟାତ ପାଇଁ ଜିତୁ ୱିଲଚେୟାର ବ୍ୟବହାର କରନ୍ତି । କିନ୍ତୁ ତାହାକୁ ମଧ୍ୟ ସେ ନିଜେ ବ୍ୟବହାର କରିପାରନ୍ତି ନାହିଁ। ପୁଅକୁ ଖୁଆଇବା, ଗାଧୋଇବା ଠାରୁ ସମସ୍ତ ନିତ୍ୟକର୍ମ ତାଙ୍କ ମାଁ ହିଁ କରିଥାନ୍ତି। ଜିତୁ ପୂର୍ବରୁ ୯୦ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇ ଭତ୍ତା ପାଉଥିବା ବେଳେ ପରେ ଅନ୍‌ଲାଇନରେ ଆବେଦନ କରିବାରୁ ତାଙ୍କୁ ଡାକ୍ତର ୭୦ପ୍ରତିଶତ ପ୍ରମାଣ ପତ୍ର ଧରାଇ ଦେଇଥିଲେ। ଯାହାକୁ ନେଇ ପରିବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ସିଡିଏମଓ ପୁଣି ତଦାରଖ କରି ୮୦ପ୍ରତିଶତର ଦିବ୍ୟାଙ୍ଗ ପ୍ରମାଣ ପତ୍ର ଯୋଗାଇଲେ। ରାଜ୍ୟରେ ବିଜେପି ସରକାର ୮୦ ପ୍ରତିଶତ ଓ ତଦୁର୍ଦ୍ଧ ଥିବା ଦିବ୍ୟାଙ୍ଗଜନଙ୍କୁ ୩୫୦୦ଟଙ୍କା ଭତା ପ୍ରଦାନ ପାଇଁ ଘୋଷଣା କରିଥିବା ବେଳେ ସେମାନଙ୍କୁ ଏଯାଏଁ ମିଳୁ ନ ଥିବାରୁ ସେମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ସେହିପରି ରାୟଗଡ ଜିଲ୍ଲା ପଦ୍ମପୁର ବ୍ଲକ ଡେରିଗାଁ ଗ୍ରାମର ୪୬ବର୍ଷିୟ ଅବିବାହିତ ନାଗବଂଶ ରାମାରାଓ ମଧ୍ୟ ବର୍ଦ୍ଧିତ ଭତା ପାଇଁ ଆବେଦନ କରି ନୟାନ୍ତ ହୋଇସାରିଲେଣି। ଗତ ୨୦ବର୍ଷ ତଳେ ରାୟଗଡ ସହରର ମା ମଝିଘରିଆଣୀ ମନ୍ଦିରକୁ ଦର୍ଶନ ପାଇଁ ଆସି ଫେରିବା ସମୟରେ ଟ୍ରେନ ଧକ୍କାରେ ତାଙ୍କର ଡାହାଣ ହାତ ଓ ଗୋଡ କଟି ଯାଇଥିଲା। ସେ ଚିକିତ୍ସା ପରେ ଗୋଟିଏ ହାତ ଓ ଗୋଟିଏ ଗୋଡରୁ ହିଁ ବଞ୍ଚିତ ହୋଇଛନ୍ତି। ଚିକିତ୍ସା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ଶତ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ପୁରୁଣା ଭତା ପ୍ରକାରେ ସେ ଆଜି ମଧ୍ୟ ୧୨୦୦ଟଙ୍କା ଦିବ୍ୟାଙ୍ଗ ଭତା ପାଉଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ଘୋଷଣା କରିଥିବା ବର୍ଦ୍ଧିତ ଭତା ପାଇଁ ସେ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ ସମୟ ହେବ ଆବେଦନ କରିଥିଲେ ମଧ୍ୟ ଆଜି ଯାଏଁ ତାହା ସେ ପାଇ ପାରି ନାହାନ୍ତି। ବର୍ଦ୍ଧିତ ଭତା ପାଇବା ପାଇଁ ଜିଲ୍ଲାପାଳଙ୍କୁ ଆକୁଳ ନିବେଦନ କରିଛନ୍ତି। ସୂଚନା ପ୍ରକାରେ ରାୟଗଡ଼ା ଜିଲ୍ଲାରେ ୯୦୦୦ରୁ ଅଧିକ ଯୋଗ୍ୟ ଆବେଦନକାରୀମାନେ ବିଧବା,ବାର୍ଦ୍ଧକ୍ୟ, ବର୍ଦ୍ଧିତ ବିକଳାଙ୍ଗ ଭତା ପାଇବା ପାଇଁ ଆବେଦନ କରିଥିବା ବେଳେ ଆଜି ଯାଏଁ ଏହି ଭତା ଟଙ୍କା ପାଇବାରୁ ସେମାନେ ବଞ୍ଚିତ ଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି। ଶେଷରେ ବାଧ୍ୟ ହୋଇ ଦୁଇଟି ପରିବାର ଜିଲ୍ଲାପାଳଙ୍କ ନିକଟକୁ ଯାଇ ନ୍ୟାୟ ଦାବି କରିଛନ୍ତି। ଅପରପକ୍ଷେ ରାୟଗଡ ଜିଲ୍ଲା ଭିନ୍ନକ୍ଷମ ମହାସଂଘ ସାଧାରଣ ସଂପାଦକ ଅମରେନ୍ଦ୍ର ନାଥ ଯଥାଶୀଘ୍ର ଦିବ୍ୟାଙ୍ଗମାନଙ୍କ ଦାବିକୁ ପୂରଣ କରିବା ପାଇଁ ପ୍ରଶାସନ ତତ୍ପରତା ଦେଖାଇ ଗରିବ ଭିନ୍ନକ୍ଷମ ପରିବାରମାନଙ୍କୁ ସହାୟତା ଦିଅନ୍ତୁ ବୋଲି କହିଛନ୍ତି।





ଭତ୍ତା ପାଇଁ ୯ ହଜାର ଆବେଦନକାରୀ ଅପେକ୍ଷାରେ

